ଧରିତ୍ରୀ
DHARITRI
January 29-February 4, 2023 ₹ 2/-

ଛୁଟିଦିନ



ପ୍ରଚ୍ଛଦ ପ୍ରସଙ୍ଗ

୩



# କଣ୍ଟାରେ ସୁଷମା

କଣ୍ଟା କେବେ
କ୍ଷତ ଦିଏ ତ କେବେ ମନ ମୋହି ନିଏ...ଏଇ
ଯେମିତି କାକଟସ୍‌। ଦେହ ସାରା କଣ୍ଟା ଭର୍ତ୍ତି,
ହେଲେ ତା’ ସୌନ୍ଦର୍ଯ୍ୟ କାହାକୁ ବି ମନ୍ତ୍ରମୁଗ୍ଧ
କରିଦିଏ...



# କେଉଁଠି ଓ କେମିତି ରଖିବେ ପୂଜା ସାମଗ୍ରୀ

**ବାସ୍ତୁଶାସ୍ତ୍ର ଅନୁଯାୟୀ, ପୂଜା ସାମଗ୍ରୀକୁ ଯଦି ଠିକ୍ ସ୍ଥାନରେ ନ ରଖାଯାଏ; ତାହାର ନକାରାତ୍ମକ ପ୍ରଭାବ ପରିବାର ଉପରେ ପଡିଥାଏ ବୋଲି ବିଶ୍ୱାସ ରହିଛି। ଯେମିତିକି..**

* ଜଳନ୍ତା ଦୀପକୁ କେବେବି ଖାଲିରେ ତଳେ ଥୋଇବା ଠିକ୍ ନୁହେଁ। ଅଳ୍ପ କିଛି ଅରୁଆ ଚାଉଳ ରଖି ତା'ଉପରେ ଦୀପ ଥୋଇପାରିବେ କିମ୍ବା ଦୀପଷ୍ଟାଣ୍ଡ ଉପରେ ରଖି ଦୀପକୁ ଜଳାଇପାରିବେ।
* ଶାଳଗ୍ରାମଙ୍କୁ ମଧ୍ୟ ଖାଲିରେ ତଳେ ନ ରଖି ସର୍ବଦା ସଫା ରେଶମୀ କପଡ଼ା ଉପରେ ରଖିବା ଦରକାର।
* ପୂଜା ଘରେ କୌଣସି ମଣି କିମ୍ବା ରତ୍ନ ପଥରକୁ ରଖିବାକୁ ଚାହୁଁଥିଲେ, ତାହାକୁ ମଧ୍ୟ ସଫା କପଡ଼ା ଉପରେ ରଖିବା ଆବଶ୍ୟକ।
* ଦେବୀଦେବଙ୍କ ମୂର୍ତ୍ତିକୁ ସର୍ବଦା



କାଠ କିମ୍ବା ପିତଳର ଖଟୁଲି ହେଉ କିମ୍ବା କୌଣସି ଆସ୍ଥାନ ଉପରେ ନାଲି ରଙ୍ଗର ସଫା କପଡ଼ା ପକାଇ ତା'ଉପରେ ରଖିବା ଉତ୍ତମ ହୋଇଥାଏ।
* କେବଳ ମୂର୍ତ୍ତି ନୁହେଁ, ଦେବୀଦେବଙ୍କର ବସ୍ତ୍ର ଓ ଆଭୂଷଣକୁ ମଧ୍ୟ ଚଟାଣ ଉପରେ ସେମିତି ଥୋଇବା ଠିକ୍ ନୁହେଁ। ଏହାକୁ ପରିଷ୍କାର ସ୍ଥାନରେ ପଲିଥିନ୍ ହେଉ ଅବା କାଗଜରେ ଭଲ ଭାବେ ଗୁଡ଼ାଇକି ରଖିବା ଦରକାର।
* ଶଙ୍ଖକୁ ବି ସର୍ବଦା କାଠ ହେଉ ଅବା ପିତଳର ଶଙ୍ଖ ଷ୍ଟାଣ୍ଡ କିମ୍ବା ସଫା କପଡ଼ା ଉପରେ ରଖିବା ଶୁଭ ହୋଇଥାଏ।
* ପ୍ରଭୁଙ୍କୁ ଅର୍ପଣ କରାଯାଉଥିବା ଫୁଲକୁ ବି ତଳେ ନ ରଖି କୌଣସି ପବିତ୍ର ଧାତୁ କିମ୍ବା ସ୍ୱଚ୍ଛ ପାତ୍ରରେ ରଖିବା ଦରକାର।
* କଳସକୁ ମଧ୍ୟ ଖାଲି ଚଟାଣରେ ନ ରଖି ପିତଳ ଥାଳି ଉପରେ ରଖିପାରିବେ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୨୯ - ଫେବୃୟାରୀ ୪

**ମେଷ**
ଅଭିଳାଷ ପୂରଣ ହେବ, ଅର୍ଥପ୍ରାପ୍ତି ଅବଶ୍ୟମ୍ଭାବୀ, ସନ୍ତାନଙ୍କ ସ୍ୱାସ୍ଥ୍ୟହାନି, ମାନସିକ ଅସ୍ଥିରତା, ସଙ୍ଗୀତ ଚଳଚ୍ଚିତ୍ରରେ ଅଗ୍ରଗତି, ଶିଳ୍ପବାଣିଜ୍ୟରେ ସମସ୍ୟା, ବିବାଦରେ ବିଜୟ, ସ୍ତ୍ରୀଙ୍କ ସହ ମତପାର୍ଥକ୍ୟ, ବନ୍ଧୁଙ୍କ ଶ୍ରୁତିରୋଚକ ବାର୍ତ୍ତାଳାପ ।

**ବୃଷ**
ଉତ୍ତେଜନାପୂର୍ଣ୍ଣ ମନ, ବେହିସାବ ଖର୍ଚ୍ଚ ବୃଦ୍ଧି, ଯାତ୍ରାରେ ସମସ୍ୟା, ଶତ୍ରୁତାର ସମାଧାନ ହେବ, ପ୍ରତିଯୋଗିତାରେ ପରାଜୟ, ଅର୍ଥ ସମ୍ପର୍କରେ ଉନ୍ନତି, ପ୍ଲଟିଂ କାରବାରରେ ସଫଳତା, ବିଦେଶଯାତ୍ରାରେ ରୋକ୍, ପରିବହନରେ ଉନ୍ନତି।

**ମିଥୁନ**
ପରିସ୍ଥିତି ବଦଳିବ, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱ, ମଧୁର ବ୍ୟବହାରରୁ ପ୍ରଶଂସା, ଶିକ୍ଷାରେ ଏକାଗ୍ରତା, ଗବେଷଣାରେ ଅଗ୍ରଗତି, ଅନୁକୂଳ ବାତାବରଣରୁ କାର୍ଯ୍ୟସିଦ୍ଧି, ନୂତନ ଯୋଜନାରମ୍ଭ, ପାରିବାରିକ ସମସ୍ୟାର ସମାଧାନ।

**କର୍କଟ**
ଉନ୍ନତ ଚିନ୍ତାଧାରା, ଶୃଙ୍ଖଳିତ କାର୍ଯ୍ୟ, ସୃଜନୀଶକ୍ତିର ଅଭିବୃଦ୍ଧି, ଅଧ୍ୟାପନାରେ ଆଗ୍ରହ, କଳାରେ ଉତ୍କର୍ଷ, ସାହିତ୍ୟକୃତିରୁ ପ୍ରଶଂସା, ପରିବାରରେ କଳହ, କର୍ମକ୍ଷେତ୍ରରେ ଗୁରୁଦାୟିତ୍ୱ, ବିଦେଶ ଯାତ୍ରା।

**ସିଂହ**
ସମସ୍ୟା ଲାଗି ରହିବ, ବାଣିଜ୍ୟରେ ଅଭିବୃଦ୍ଧି, ଶେୟାର ବଜାରରେ ଉନ୍ନତି, ନିର୍ମାଣରେ ପ୍ରତିବନ୍ଧକ, ପରିବହନରେ ଝଗଡ଼ା, ମକଦ୍ଦମାରେ ବ୍ୟସ୍ତତା, ବନ୍ଧୁଙ୍କ ଦ୍ୱାରସ୍ଥ ହେବେ, ପ୍ଲଟିଂ କାରବାରରୁ ଲାଭ, ପ୍ରତିରୋଧର ସାମ୍ନା।

**କନ୍ୟା**
ଉନ୍ନତ ଚିନ୍ତା, ତ୍ୟାଗପୂତ ମନୋଭାବ, ସାମାଜିକ ସମ୍ମାନ, ପାରବାରିକ ଶାନ୍ତି, ପ୍ରଶାସନିକ ତତ୍ପରତା, ସେବା ମନୋଭାବରୁ ପ୍ରଶଂସା, ସାଙ୍ଗଠନିକ ନେତୃତ୍ୱ, ପ୍ରକାଶନରେ ବିଳମ୍ବ, ଚୁକ୍ତିପତ୍ର ସମ୍ପାଦନ।

**ତୁଳା**
ମାନସିକ ସୁସ୍ଥତା, ବନ୍ଧୁଙ୍କ ସାହାଯ୍ୟ ସମର୍ଥନ, ଯାନ୍ତ୍ରିକ ତ୍ରୁଟି, ଯାତ୍ରାରେ ବିଳମ୍ବ, କର୍ମ ସମ୍ପାଦନରେ ଅଗ୍ରଣୀ, ଶାରୀରିକ ଅସୁସ୍ଥତା, ନିର୍ଭରଶୀଳ ହେବେ, ଯାନ୍ତ୍ରିକ ଜିନିଷ କିଣିବେ, ପ୍ରତିଯୋଗିତାରେ ସଫଳତା, ଶୁଭଖବର ପ୍ରାପ୍ତି।

**ବିଛା**
ଧନହାନି, ବନ୍ଧୁରେ କଳହ, ପରିବାରରେ ଭୁଲ୍ ବୁଝାମଣା, ସମ୍ପର୍କ ହ୍ରାସ ପାଇବ, ଗୃହାରମ୍ଭ, ସନ୍ତାନବତ୍ସଳ ହେବେ, ଫଳପ୍ରଦ ଆଲୋଚନା, ରୋଗପୀଡ଼ା କମିବ, ଋଣଗ୍ରସ୍ତ ହେବେ, ଦୂରଯାତ୍ରା କରିପାରନ୍ତି, ସ୍ଥାନାନ୍ତର ଘଟିପାରେ।

**ଧନୁ**
ଯୋଜନା କାର୍ଯ୍ୟକାରୀ କରିବେ, ବନ୍ଧୁଙ୍କ ସମର୍ଥନ, ଭ୍ରାତୃ ସମ୍ପର୍କରେ ଉନ୍ନତି, ମୂଲ୍ୟବାନ୍ ଦ୍ରବ୍ୟଲାଭ, ଗୃହୋପଯୋଗୀ ଜମି କ୍ରୟ, ନୂତନ ଯାନ୍ତ୍ରିକ ଜିନିଷ କିଣିବେ, ବାଣିଜ୍ୟ ବ୍ୟବସାୟରେ ଉନ୍ନତି, ସାମାଜିକ ସମ୍ମାନ।

**ମକର**
ପାରିବାରିକ ଅସ୍ଥିରତା, ବ୍ୟୟବହୁଳ ଜୀବନଚର୍ଯ୍ୟା, ପ୍ରତିକୂଳ ପରିସ୍ଥିତି, ଆଲୋଚନାରେ ଅଗ୍ରଗତି, ଆନୁଷ୍ଠାନିକ କାର୍ଯ୍ୟାରମ୍ଭ, ନିର୍ମାଣରେ ପ୍ରତିବନ୍ଧକ, ବିଦେଶ ସ୍ଥିତ ସନ୍ତାନଙ୍କ ଚିନ୍ତା, କଚେରି ମାମଲାରେ ବାଇଦା।

**କୁମ୍ଭ**
ସମସ୍ୟା ପ୍ରତିହତ ହେବ, ସମ୍ପର୍କରେ ଉନ୍ନତି, ପ୍ରିୟଜନଙ୍କ ସମାଦର, ପରୋକ୍ଷ ସମାଲୋଚନା, ଆର୍ଥିକ ପ୍ରଗତି, ନୂତନ ଗୃହନିର୍ମାଣ, ଜମିଜମା କ୍ରୟବିକ୍ରୟ, ବ୍ୟବସାୟିକ ଉତ୍କର୍ଷ, ରଚନାତ୍ମକ କାମ, କୁଟୀରଶିଳ୍ପରେ ଉନ୍ନତି।

**ମୀନ**
ସଙ୍କଟଜନକ ପରିସ୍ଥିତି, ଗାଡ଼ିଚାଳନାରୁ ସମସ୍ୟା, କ୍ରୋଧରୁ ଅନର୍ଥ, ଆତ୍ମୀୟସ୍ୱଜନଙ୍କ ଅନାଦର ଭାବ, ସୀମାବିବାଦରୁ ଉତ୍ତେଜନା, ସ୍ୱାସ୍ଥ୍ୟରେ ଉନ୍ନତି, ଆର୍ଥିକ ଅଭିବୃଦ୍ଧି, ଗୁରୁଜନଙ୍କ ସୁପରାମର୍ଶ, ଭିଜିଲାନ୍ସ ଚଢ଼ାଉ।

# ଅଜବ ଏହି ଗ୍ଲୋଭ୍ସ

**ଶୀ**ତଦାଉରୁ ରକ୍ଷା ପାଇବା ପାଇଁ ଦେହରେ ଯେମିତି ଶୀତବସ୍ତ୍ର ପିନ୍ଧାଯାଏ, ଠିକ୍ ସେମିତି ହାତରେ ବି ଗ୍ଲୋଭ୍ସ ପିନ୍ଧାଯାଇଥାଏ। କିନ୍ତୁ ଏଠାରେ ଯେଉଁ ଗୋଭ୍ସ କଥା କୁହାଯାଉଛି; ଏହା ଶୀତଦିନେ ହାତକୁ ଉଷ୍ମତା ପ୍ରଦାନ କରିବା ସଙ୍ଗେସଙ୍ଗେ ଟିକେ ଡିଫରେଣ୍ଟ ଲୁକ୍ ବି ଦେବ। କାରଣ ଏହି ଗ୍ଲୋଭ୍ସକୁ ଟିକେ ଅଜବ ଢଙ୍ଗରେ ତିଆରି କରାଯାଇଛି; ଆଉ ଏହାର ନାମ ସ୍ମାର୍ଟଫୋନ୍ ଉଇଣ୍ଡୋ ଗ୍ଲୋଭ୍ସ ରଖାଯାଇଛି। ସାଧାରଣତଃ ଗ୍ଲୋଭ୍ସ ପିନ୍ଧି ସ୍ମାର୍ଟଫୋନ୍‌କୁ ଅପରେଟ୍ କରିବାରେ ଅସୁବିଧା ହୋଇଥାଏ। କିନ୍ତୁ ଏହି ସ୍ମାର୍ଟଫୋନ୍ ଉଇଣ୍ଡୋ ଗ୍ଲୋଭ୍ସକୁ ଏଭଳି ଡିଜାଇନ୍ କରାଯାଇଛି ଯେ, ମୋବାଇଲ ଅପରେଟ୍ କରିବାରେ କିଛି ବି ସମସ୍ୟା ହେବନି। ଏହି ଗ୍ଲୋଭ୍ସ ଭିତରେ ଉଭୟ ହାତକୁ ପଶାଇ ହୁଏ। ଏହାର ସାମ୍ନା



ଭାଗରେ ଅଛି ଟ୍ରାନ୍ସପରେଣ୍ଟ ଜରି। ଫଳରେ ଉକ୍ତ ଗ୍ଲୋଭ୍ସ ଭିତରେ ଫୋନ୍‌କୁ ଦୁଇହାତରେ ଆରାମରେ ଅପରେଟ୍ କରି ହେବ। ତା'ସହ ଟ୍ରାନ୍ସପରେଣ୍ଟ ଜରି ମଧ୍ୟ ଦେଇ ଫୋନ୍‌ରେ ସବୁକିଛି ଦେଖି ମଧ୍ୟ ହେବ।

# ପାଠକୀୟ

★ମଣିଷର ସ୍ୱପ୍ନ ଆଉ ଏହାର ସତ୍ୟତାକୁ ନେଇ ସବୁବେଳେ ଏକ ପ୍ରଶ୍ନବାଚୀ ରହିଆସିଛି ସମସ୍ତଙ୍କ ଭିତରେ। ସ୍ୱପ୍ନ କାହିଁକି ଆସେ ଓ ଏହି ସ୍ୱପ୍ନ ଜୀବନରେ କ'ଣ ପ୍ରଭାବ ପକାଏ, ତାକୁ ନେଇ ମନ ଭିତରେ ରହିଆସିଛି କୌତୂହଳ। ତେଣୁ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ନେଇ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସ୍ୱପ୍ନ' ଏକ ମର୍ମସ୍ପର୍ଶୀ ଆଲେଖ୍ୟ ଥିଲା। 'ହଳଦୀ ଏକ ଉପକାର ଅନେକ', 'ଏସବୁ ଦିଏ ବିପଦର ପୂର୍ବ ସୂଚନା' ଆଦି ପାଠରୁ ଅନେକ ଅଜଣା କଥା ଜାଣିହେଲା।

*– ସ୍ୱପ୍ନାମୟୀ ଧଳ, ସମ୍ବଲପୁର*

★ଯାହା ଆମେ ଚିନ୍ତାକରୁ ବା ମନ ଭିତରେ ଯେଉଁ କଥାକୁ ନେଇ ସବୁବେଳେ ଭାବୁଥାଉ, ତାହାହିଁ ସ୍ୱପ୍ନ ମାଧ୍ୟମରେ ଆମେ ଦେଖିଥାଉ। ତେଣୁ ସ୍ୱପ୍ନକୁ ନେଇ ଏଥର ଛୁଟିଦିନରେ ପ୍ରକାଶ ପାଇଥିବା ପ୍ରଚ୍ଛଦ ପ୍ରସଙ୍ଗଟି ଏକ ନିଆରା ତଥା ତଥ୍ୟପୂର୍ଣ୍ଣ ଆଲେଖ୍ୟ ଥିଲା। ଲାଇଫଷ୍ଟାଇଲ୍ ପୃଷ୍ଠାରୁ କଲାର୍ ବ୍ଲାଉଜ୍ ସମ୍ପର୍କରେ ବହୁ ଅଜଣା କଥା ଜାଣିହେଲା। ବ୍ୟକ୍ତିତ୍ୱ ପୃଷ୍ଠାରୁ ବିଶିଷ୍ଟ ସାହିତ୍ୟିକା ବନଜ ଦେବୀଙ୍କ ସମ୍ପର୍କରେ ବହୁ ଅଜଣା କଥା ଜାଣି ଖୁସି ଲାଗିଲା।

*– ଗୀତାଞ୍ଜଳି ମିଶ୍ର, ଦଉତୋଟା, ପୁରୀ*

★ସୃଜନ ପୃଷ୍ଠାରେ ସ୍ଥାନିତ 'ପେଟ', 'ସମୟ' ଶୀର୍ଷକ କବିତା ଦୁଇଟି ଯେତିକି ମର୍ମସ୍ପର୍ଶୀ ଥିଲା, 'ପସନ୍ଦ' ଶୀର୍ଷକ ଗପଟି ବି ସେତିକି ହୃଦୟଛୁଆଁ ହୋଇଥିଲା। ସିନେମା ପୃଷ୍ଠାଟି ବି ଆକର୍ଷଣୀୟ ଲାଗୁଥିଲା। ମୁଖ୍ୟତଃ ଏଥିରେ ସ୍ଥାନିତ ଦୀପିକାଙ୍କ ଫଟୋଟି ବେଶ୍ ସୁନ୍ଦର ଦେଖାଯାଥିଲା। ସାହିତ୍ୟିକା ବନ୍ଦନା ପଣ୍ଡାଙ୍କ ରୋଜଗାର ସମ୍ପର୍କିତ ଅନୁଭୂତିଟି ବି ବେଶ୍ ବଢ଼ିଆ ହୋଇଥିଲା।

*– ରାଜେଶ ମହାନ୍ତି, ବରମୁଣ୍ଡା, ଭୁବନେଶ୍ୱର*

★'ଜ୍ଞାନଙ୍କ ଚିତ୍ର ଦୁନିଆ' ଏବଂ 'ଐତିହ୍ୟ ଗୃହ ଦିନେ ଥିଲା ଆଶ୍ରୟ ସ୍ଥଳ' ଆଦି ପାଠରୁ ବହୁ ଗୁରୁତ୍ୱପୂର୍ଣ୍ଣ କଥା ଜାଣିହେଲା। ମଡେଲ୍ ମିରର୍‌ରେ ତନୟା ବେଶ୍ ସୁନ୍ଦରୀ ଲାଗୁଥିଲେ। ସେହିପରି ଅରିତାର ସମ୍ପର୍କରେ ସହର ପୃଷ୍ଠାରୁ ବହୁ ଅଜଣା କଥା ଜାଣି ଖୁସି ଲାଗିଲା। ପଶ୍ମିନା ଶାଲ୍ ସମ୍ପର୍କରେ ମଧ୍ୟ ବିବିଧା ପୃଷ୍ଠାରୁ ଅନେକ କଥା ଜାଣିହେଲା। 'ଏତେ ବଡ଼ ଇରେଜର୍'ର ଫଟୋ ବିବିଧା ପୃଷ୍ଠାରେ ଦେଖି ଆଶ୍ଚର୍ଯ୍ୟ ଲାଗିଲା।

*– କଶ୍ମୀରା ଶତପଥୀ, ଝାରସୁଗୁଡ଼ା*

★ଏଥରର ବ୍ୟଙ୍ଗ 'ବିଶିଷ୍ଟ ସମାଜସେବକ' ଏକ ନିଆରା ଆଲେଖ୍ୟ ଥିଲା। ସେହିପରି ବ୍ୟାକ୍‌ପେଜ୍ ପୃଷ୍ଠାରେ ସ୍ଥାନିତ ଅଜବ ଅଜବ ତଥା ଆଶ୍ଚର୍ଯ୍ୟକର ଲେଖାଗୁଡ଼ିକ ପଢ଼ିବାକୁ ବେଶ୍ ଭଲ ଲାଗିଲା। ସାଥୀର ଉତ୍ତର ବି ଭାରି ରୋମାଣ୍ଟିକ୍‌ଭରା ଥିଲା।

*– ମୌସୁମୀ ପରିଡ଼ା, ଅନୁଗୋଳ*

## ବିଶେଷ ଚିଠି



ସ୍ୱପ୍ନକୁ ନେଇ ଥିଲା
ଏଥରର ପ୍ରଚ୍ଛଦ,
କରିଥିଲା କିମିଆ ସେ
ମନେ ଭରିଲା ଆନନ୍ଦ।
ସାଥୀର ଉତ୍ତର ବି କିଛି କମ୍ ନଥିଲା
ସିନେମାର କଥା ପୁଣି ମନ କିଣୁଥିଲା।
ସେଥିପାଇଁ ଛୁଟିଦିନ ତୁମେ ମହାନ୍
ଜଗତରେ ରହୁ ତୁମ ଯଶଗାନ।

*– ଶୈଳେନ୍ଦ୍ରୀ ପୁହାଣ, ବିଞ୍ଝାରପୁର, ଯାଜପୁର*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795



# କଣ୍ଟାରେ ସୁଷମା

ସେ ମରୁଭୂମିରେ ରହି, କଣ୍ଟାଯୁକ୍ତ ହୋଇ ମଧ୍ୟ ସୌନ୍ଦର୍ଯ୍ୟ ବାଣ୍ଟୁଥାଏ। ସେଥିପାଇଁ ତା ପ୍ରେମରେ ପଡି ସମସ୍ତେ ତାକୁ ଖୋଜି ଲୋଡି ଘରକୁ ଆଣନ୍ତି।

ବଙ୍ଗଳା ଭାଷାରେ ଗୀତଟିଏ ଅଛି 'କାକଟସ୍ ତୁମେ କାନ୍ଦନା ଯୀଶୁର ମୁକୁଟେ କଣ୍ଟା'। ଅର୍ଥାତ୍ ତାକୁ ଏମିତି କହିହେବ ଯେ କଣ୍ଟା ଅଛି ତ ଇଶ୍ୱରୀୟତା ଅଛି। କଷ୍ଟ ଥିଲେ କୃଷ୍ଣ ମିଳେ ଏକଥା ଆମେ ପିଲାବେଳୁ ଶୁଣିଆସିଛୁ। ଆଉ ଭୋଗି ଆସିଛୁ ଜୀବନରେ। କାକଟସ୍ ବୋଧେ ଠିକ୍ ଏଇଆ କୁହେ, ଫୁଲର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ହେଲେ କଣ୍ଟାର ଯନ୍ତ୍ରଣା ସହିବାକୁ ପଡିବ। ସତରେ ତାକୁ ଛୁଇଁଲେ ସିନା ଯନ୍ତ୍ରଣା ହେବ କିନ୍ତୁ ଦେଖିଦେଲେ ତ ମନ ପୁରିଯିବ। ପ୍ରକୃତରେ କାକଟସ୍ ଏମିତି ଗୋଟେ ଉଦ୍ଭିଦ ଯେ ଜୀବନର ସକରାତ୍ମକତା ଆଡକୁ ଆମକୁ ବାଟ କଢେଇ ନିଏ କାହିଁକି ନା ସେ ମରୁଭୂମିରେ ରହି ବି ଅନ୍ୟକୁ ଜଳର ସନ୍ଧାନ ଦିଏ। କଣ୍ଟାଯୁକ୍ତ ରହି ମଧ୍ୟ ସୌନ୍ଦର୍ଯ୍ୟ ବାଣ୍ଟୁଥାଏ। ସେଥିପାଇଁ ସେ କଣ୍ଟାଯୁକ୍ତ ହେଲେ ବି ତା ପ୍ରେମରେ ପଡି ସମସ୍ତେ ତାକୁ ଖୋଜି ଲୋଡି ଘରକୁ ଆଣନ୍ତି।

କାକଟସ୍‌ର ପ୍ରକାରଭେଦ ଅନେକ। ବିଭିନ୍ନ ଦେଶରେ ରହିଛି ଭିନ୍ନ ଭିନ୍ନ ପ୍ରକାରର କାକଟସ୍। ଉଦ୍ୟାନବିତ୍ତ ଓ ପରିବେଶବିତ୍ତମାନେ ଏହାର ଲୋକପ୍ରିୟତା ଦେଖି ପୋଲିନେସନ୍ ଏବଂ ଗ୍ରାଫ୍ଟିଙ୍ଗ୍ ମାଧ୍ୟମରେ ନୂଆ ପ୍ରକାରର ବ୍ରିଡ୍ ସୃଷ୍ଟି କରୁଛନ୍ତି। ସବୁଠୁ କମ୍ ଯତ୍ନର ଆବଶ୍ୟକତା ପଡୁଥିବା ଏହି କାକଟସ୍ ତାର ସୌନ୍ଦର୍ଯ୍ୟରେ ବାନ୍ଧି ପାରିଛି ସମସ୍ତଙ୍କୁ।

> କଣ୍ଟା କେବେ କ୍ଷତ ଦିଏ ତ କେବେ ମନ ମୋହି ନିଏ...ଏଇ ଯେମିତି କାକଟସ୍। ଦେହ ସାରା କଣ୍ଟା ଭର୍ତ୍ତି, ହେଲେ ତା ସୌନ୍ଦର୍ଯ୍ୟ କାହାକୁ ବି ମନ୍ତ୍ରମୁଗ୍ଧ କରିଦିଏ।

**କାକଟସ୍ ମାୟାରେ ଡା. ଦେବାଶିଷ:** ପେଶାରେ ଡାକ୍ତର କିନ୍ତୁ ନିଶା ତାଙ୍କର କେବଳ ଗଛ ଲଗାଇ ତାର ଯତ୍ନ ନେବା। ତାଙ୍କ ପାଇଁ ଖୁସି ସେଇଠି, ତାଙ୍କ ଗଛ ଯେଉଁଠି। ଯେମିତି ସମର୍ପିତ ସେ ଡାକ୍ତରୀ ପେଶା ପ୍ରତି ସେମିତି ସମର୍ପିତ ଗଛ ପାଇଁ। ଗଛ କେବଳ ତାଙ୍କର ଅବସରର ସାଥୀ ନୁହେଁ ଗଛ ତାଙ୍କ ଖୁସିର କାରଣ ମଧ୍ୟ। ଗଛକୁ ତାଙ୍କ ଜୀବନର ଗୋଟିଏ ଅଂଶ ଭାବୁଥିବା ଡାକ୍ତର ଦେବାଶିଷ ପ୍ରଧାନ ଖୁବ୍ ଛୋଟବେଳୁ ଗଛକୁ ଭଲପାଇ ବସନ୍ତି। ତୃତୀୟ ଶ୍ରେଣୀରେ ପଢିବା ବେଳେ ନାଲକୋରେ ହେଉଥିବା ଫ୍ଲାୱର୍ ଏକ୍‌ଜିବେସନ୍‌ରେ ପେଣ୍ଟିଙ୍ଗ୍ କମ୍ପିଟିସନ୍ ହୁଏ। ଆଉ ସେହି ପ୍ରତିଯୋଗିତାରେ ଭାଗ ନେବାକୁ ଯାଆନ୍ତି ଦେବାଶିଷ। ସେଠାରେ ଏତେ ସୁନ୍ଦର ସୁନ୍ଦର ଗଛକୁ ଦେଖି ତାଙ୍କର ବି ଇଛା ହୁଏ ଗଛ ଲଗାଇବାକୁ। ସେହିଦିନ ଠାରୁ ସେ ଯାହା ଗଛ ପାଆନ୍ତି ଆଣି ଘରେ ଲଗାନ୍ତି। ଏମିତିକି ବରଗଛ, ଓସ୍ତଗଛ ଆଦି ଘରେ ଆଣି କୁଣ୍ଡରେ ଲଗାନ୍ତି। ଅନ୍ୟମାନେ ଭାବନ୍ତି ସେ ବୋନସାଇ କରିଛନ୍ତି ବୋଲି। କିନ୍ତୁ ସେତେବେଳେ ସେ ବୁଝି ନ ଥିଲେ ଯେ, ବୋନ୍‌ସାଇ ପ୍ରକୃତରେ କ'ଣ। ଏମିତି ସେ ସ୍କୁଲ୍ ଶେଷ ଯାଏଁ ଯେତେବେଳେ ଯାହା ନୂଆଗଛ ଦେଖନ୍ତି ଆଣି ଲଗାନ୍ତି। କିନ୍ତୁ ଦଶମ ପରେ ଯେତେବେଳେ ଭୁବନେଶ୍ୱର ଆସି ବିଜେବି କଲେଜରେ ପଢିଲେ ସେତେବେଳେ ସେ ଗୋଟେ ଗୋଟେ ପ୍ରଜାତିର ଗଛ ସଂଗ୍ରହ କରିବାକୁ ଲାଗିଲେ। ପ୍ରଥମେ ସେ ଫାଇକସ(ଏକପ୍ରକାରର ବରଗଛ) ପ୍ରଜାତିର ୪୦ଟି ଭେରାଇଟି ସଂଗ୍ରହ କଲେ। ସେଇ ଆରମ୍ଭ ଏବେ ସରିବାର ଆଉ ନାଁ ନେଉ ନାହିଁ ବରଂ ବଢି ବଢି ଚାଲିଛି। ଏବେ ତାଙ୍କ ପାଖରେ ୧୦୦ରୁ ଉର୍ଦ୍ଧ ସ୍ନେକ୍ ପ୍ଲାଣ୍ଟ, ୪୦ରୁ ଉର୍ଦ୍ଧ ସାଇକସ୍, ୩୦୦ରୁ ଉର୍ଦ୍ଧ ବୋନସାଇ, ୫୦ପାଖାପାଖି ପାମ୍ ସହିତ ପ୍ରାୟ ୬୦ପ୍ରକାରର କାକଟସ୍ ଓ ଅନ୍ୟାନ୍ୟ ଗଛ ରହିଛି। ତେବେ କାକଟସ୍ ପ୍ରତି ଡାକ୍ତର ପ୍ରଧାନଙ୍କର ରହିଛି ଖୁବ୍ ଭଲପାଇବା। ଆଜିକାଲି କିଛି ଲୋକ ବାସ୍ତୁର ନାଁ ନେଇ ଘରେ କାକଟସ୍ ରଖିବାକୁ ପସନ୍ଦ କରୁନଥିବା ବେଳେ, ସେ କିନ୍ତୁ ଏହାକୁ ସଂପୂର୍ଣ୍ଣ ଭୁଲ ବୋଲି କୁହନ୍ତି। ତାଙ୍କ ମତରେ 'କଣ୍ଟାଗଛଟିକୁ ଘର ଭିତରେ ରଖିଲେ ଅସାବଧାନତା ବଶତଃ କଣ୍ଟା ଫୋଡି ହୋଇଯିବାର ଭୟ ରହିଛି ଆଉ ଏହାହିଁ ଏକମାତ୍ର କାରଣ। ନଚେତ୍ ଗଛ କ'ଣ କାହାର କ୍ଷତି କରିପାରେ। ସବୁଠୁ କମ୍ ଯତ୍ନ ଆବଶ୍ୟକ କରୁଥିବା ଆକର୍ଷଣୀୟ ଗଛ ହେଉଛି କାକଟସ୍। ଏଥିରେ ୧୫-୨୦ଦିନ ପାଣି ନଦେଲେ ବି ଚିନ୍ତା ନାହିଁ। କାକଟସ୍ ପାଇଁ ମୁଁ ସିନ୍‌ଡର ସଏଲ୍ ବ୍ୟବହାର କରେ। ବାଲିରେ ବି ଏହା ଖୁବ୍ ଭଲ ବଢେ। ତେବେ ଗ୍ରାଫ୍‌ଟିଙ୍ଗ କରାଯାଇଥିବା କିଛି କାକଟସ୍ ଆମ ଜଳବାୟୁରେ ଭଲ ବଢନ୍ତିନି କି ଏମାନଙ୍କର ଚେର ସହଜରେ ଆସେ ନାହିଁ। ଧଳା ଧଳା ଫଙ୍ଗସ୍ ବି ହୋଇଯାଏ। ଏମିତି ହେଉଥିଲେ ତାକୁ ଖରାରେ ରଖି, ସେଥିରେ ନିମ୍ ଅୟଲ ସହ ସାମ୍ପୁରେ ପାଣି ମିଶାଇ ସ୍ପ୍ରେ କଲେ ଗଛ ଠିକ୍ ହୋଇଯାଏ। ମୁଁ ବିଭିନ୍ନ ଯାଗାରୁ କାକଟସ୍ ସଂଗ୍ରହ କରିଛି। କିଛି କାକଟସ୍ ଦିଲ୍ଲୀ, ଥାଇଲାଣ୍ଡ, କୋଲକାତା ଓ ଆସାମରୁ ମଗାଇଥିବାବେଳେ କିଛି ଅନଲାଇନ୍‌ରୁ ବି ମଗେଇଛି। ଦିଲ୍ଲୀ ଓ କୋଲକାତାରେ ବହୁତ କାକଟସ୍ ସଂଗ୍ରାହକ ଅଛନ୍ତି ସେମାନେ ଗ୍ରାଫ୍‌ଟିଙ୍ଗ୍ କରୁଛନ୍ତି। ଯାହା ଆମ ଜଳବାୟୁକୁ ସୁହାଇବ। କଥା ହେଉଛି ବାହାର ଦେଶର କାକଟସ୍ ଆମ ଜଳବାୟୁରେ ଭଲ ବଢିପାରେ ନାହିଁ। ଏହାଛଡା ଏମାନେ କାକଟସ୍‌ର ମଞ୍ଜି ସଂଗ୍ରହ କରି ତାକୁ ପୋଲିନେସନ ମାଧ୍ୟମରେ ଭଲ କ୍ୱାଲିଟିର ଓରଜିନାଲ ବ୍ରିଡ୍ ବାହାର କରୁଛନ୍ତି। ଥାଇଲାଣ୍ଡ କାକଟସ୍ ବହୁତ ଶସ୍ତା ଓ ସୁନ୍ଦର। କିନ୍ତୁ ଏହା ଦୀର୍ଘଦିନ ଧରି ବଞ୍ଚିପାରେ ନାହିଁ। ପ୍ରାୟ ବର୍ଷେ ଭିତରେ ମରିଯାଏ। ମୋର କିନ୍ତୁ ଇଣ୍ଡିଆନ କାକଟସ୍ ବେଶୀ ପସନ୍ଦ। ମୋ ମତରେ ଆସାମ କାକଟସ୍ ସବୁଠୁ ଭଲ। ଆମ ଜଳବାୟୁରେ ଏମାନେ ଖୁବ୍ ଭଲ ବଢନ୍ତି। ମୋ ପାଖରେ ପାଖାପାଖି ୬୦ପ୍ରଜାତିର କାକଟସ୍ ଥିଲେ ବି ଯେବେ ବି ନୂଆ ଦେଖେ ମଗାଏ। ମୁଁ ଅଧିକରୁ ଅଧିକ ଗଛ ଲଗାଇବା ସହ

→





ଡା. ଦେବାଶିଷ








ତାଙ୍କ ସହ ସମୟ କାଟିବାକୁ ପସନ୍ଦ କରେ। ତାଙ୍କୁ ଛାଡି କୁଆଡେ ବୁଲିଯିବାକୁ ମୋର ଇଛା ହୁଏନାହିଁ। ଗଛ ପାଇଁ ଦେଉଥିବା ସମୟ, ମୋର ସବୁଠୁ ଭଲ ସମୟ।

**ଏକାମ୍ର କାନନରେ କାକ୍ଟସ:** ଫୁଲର ସୌନ୍ଦର୍ଯ୍ୟରେ ଭରା ଏକାମ୍ର କାନନର ଆଉ ଏକ ମୁଖ୍ୟ ଆକର୍ଷଣ ହେଉଛି ଏଠାକାର କାକଟସ୍ ବଗିଚା। ପାଖାପଖି ୧୩୦ଫୁଟ୍‌ରେ ୧୦୦ଫୁଟ୍ ପରିମିତ ଏହି ବଗିଚାରେ ରହିଛି ପୃଥିବୀର ବିଭିନ୍ନ ଦେଶର ବିରଳ ପ୍ରଜାତିର କାକଟସ୍। ପ୍ରଥମେ ୧୯୯୦ମସିହାରେ ଏହାର ପ୍ରତିଷ୍ଠାତା ପ୍ରଫେସର ପ୍ରେମାନନ୍ଦ ଦାସ ତାଙ୍କ ନିଜସ୍ୱ ଉଦମ୍ୟରେ ଏକାମ୍ର କାନନରେ ଗୋଟେ ଛୋଟ କାକଟସ୍ ଉଦ୍ୟାନ କରିଥିଲେ। ୩୦୦ରୁ ୪୦୦ କାକଟସ୍ ପ୍ରଜାତିରୁ ଆରମ୍ଭ ହୋଇଥିଲା ଏହି ବଗିଚା। ତା ପରେ ବିଭିନ୍ନ ମରୁସ୍ଥଳୀୟ ବୃକ୍ଷକୁ ଆଣି ଅର୍ଣ୍ଣାମେଣ୍ଟାଲ୍ ପ୍ଲାଣ୍ଟ ଭାବରେ ତାକୁ ଡେଭଲପ୍ କରିବା ପାଇଁ ଗ୍ରାଫଟିଙ୍ଗ୍ କରାଗଲା। ଗ୍ରାଫ୍‌ଟିଙ୍ଗ ପାଇଁ ଜଙ୍ଗଲୀ କାକ୍ଟସ୍ ଦରକାର। ଏଥିପାଇଁ ୨ପ୍ରକାରର ଜଙ୍ଗଲୀ କାକଟସ୍ ଯଥା ମାର୍ଟିଲୋ କାକଟସ୍ (ଜିଓମାଟ୍ରିଜାନସ୍ ପ୍ରଜାତି) ଓ ହାଇଲୋସେରସ୍ ଟ୍ରାଙ୍ଗୁଲାରିସ୍ ଆଣି ସେଥିରେ ଗ୍ରାଫଟିଙ୍ଗ୍ କରାଗଲା। ହାଇଲୋସେରସ୍ କାକ୍ଟସ୍ ସବୁଜାଗାରେ ଉପଲବ୍ଧ। ମାର୍ଟିଲୋ କାକ୍ଟସ୍ ଖୁବ୍ ବଡ଼ ଓ ମୋଟା। ବନ ଗ୍ରାଫ୍‌ଟିଙ୍ଗ ପାଇଁ ଏହି କାକ୍ଟସ୍ ଆବଶ୍ୟକ। କିନ୍ତୁ ଅର୍ନାମେଣ୍ଟାଲ ପାଇଁ ହାଇଲୋସେରସ୍‌କୁ ବେଶୀ ବ୍ୟବହାର କରାଯାଏ। କିଛି କାକ୍ଟସ୍ ମ୍ୟୁଟେସନ୍ ବ୍ରିଡିଂ ଦ୍ୱାରା ବି ପ୍ରସ୍ତୁତ କରାଯାଇଥିଲା। ସାରା ଭାରତରେ ୧୦୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର କାକ୍ଟସ୍ ଥିବାବେଳେ ଆମ ପାଖରେ ପାଖାପାଖି ୧୦୦୦ରୁ ଉର୍ଦ୍ଧ୍ୱ ଭେରାଇଟିର କାକ୍ଟସ୍ ଥିଲା। କିନ୍ତୁ ଏବେ କେତୋଟି ପ୍ରଜାତି ନଷ୍ଟ ହୋଇଯିବା ପରେ ଆମ ପାଖରେ ପ୍ରାୟ ୭୦୦ପ୍ରଜାତିର କାକ୍ଟସ୍ ଅଛି। ଅର୍ଣ୍ଣାମେଣ୍ଟାଲ କାକଟସ୍‌ରେ ଜିମିନୋକାଲିସମ ମାହିନୋଭିଚାଇ ଅଧିକ ରଙ୍ଗର ଆସେ। ଏହାଛଡା ବ୍ଲସ୍‌ଫେଲ୍ଡିଆ, ଆଷ୍ଟ୍ରୋଫାଇଟମ୍, ଆରିଓ କାର୍ପସ୍, ଆକାନ୍ଥୋକାଲିସମ୍, ବନିନ୍‌ଜିଆ, ବର୍ଜି ଆଦି ବିରଳ ଅର୍ନାମେଣ୍ଟାଲ କାକଟସ୍ ଏଠାରେ ରହିଛି। ଜିମିନୋ କାଲିସମ୍ ମାଇନୋ ଭୀଚାଇର ଚାହିଦା ସାଧାରଣ ଲୋକଙ୍କ ଭିତରେ ବହୁତ। ଏହାର ଫୁଲ୍ ଖୁବ୍ ସୁନ୍ଦର। କାକଟସ୍ ପାଇଁ ମାଟି, ବାଲି ଓ ଗୋବର ସମ ପରିମାଣରେ ମିଶାଇ ମାଟି ପସ୍ତୁତ କରାଯାଏ। ଓ ଏଥିରେ ୧୫ଦିନରେ ଥରେ ବୁଡେଇକି ପାଣି ଦେବାକୁ ପଡେ। ତଳେ ଛୋଟ ଛୋଟ ଭଙ୍ଗା ଇଟା ଦେଲେ ପାଣି ବାହାରିଯିବାରେ ସୁବିଧା ହୁଏ। କାକ୍ଟସ୍‌କୁ ବର୍ଷାରୁ ରକ୍ଷା କରିବା ପାଇଁ ଏକ କମ୍ ଉଚ୍ଚତାର ପଲିଶେଡ୍ କରାଯାଏ, ଯାହାକି ୟୁଭି ପ୍ରୋଟେକ୍ଟେଡ। ଅତ୍ୟଧିକ ସୂର୍ଯ୍ୟ ରଶ୍ମିରୁ ଗଛକୁ ସୁରକ୍ଷିତ ରଖିବା ପାଇଁ ପଲିଶେଡ ତଳେ ପତଳା ମାଟିର ଲେପ ଦିଆଯାଏ। ଯାହାଫଳରେ ଅତ୍ୟଧିକ ସୂର୍ଯ୍ୟ ଉତ୍ତାପରୁ ବି ଏହା ରକ୍ଷା ପାଏ। ମେରୁ ଜୁନ୍ ମାସ ଯାଏ କାକ୍ଟସ୍‌ରେ ଅଧିକ ଫୁଲ ହୁଏ। ଏକାମ୍ର କାନନର ଏହି କାକଟସ୍ ଗାଡେର୍ନ କେବଳ ସରକାରୀ ଛୁଟିକୁ ବାଦ୍ ଦେଲେ ଅନ୍ୟଦିନ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହୁଛି।

**ସବୁଠୁ ଉଚ୍ଚା କାକ୍ଟସ୍:** କାକ୍ଟସ୍ କିନ୍ତୁ ଏହାର ଉଚ୍ଚତା ପୁରା ଗଛ ପରି। ଇଏ ହେଲା ସାଗୁଆରୋ ମୋନୋଟାଇପିକ ଜେନେସର କାକଟସ ପ୍ରଜାତି। ଏହାର ଉଚ୍ଚତା ପ୍ରାୟ ୧୨ ମିଟର (୪୦ ଫୁଟ)ରୁ ଅଧିକ ହୋଇଥାଏ। ଏହା ଆରିଜୋନାରେ ଥିବା ସୋନୋରାନ ମରୁଭୂମି, ମେକ୍ସିକୋର ସୋନୋରା ରାଜ୍ୟ ଏବଂ କାଲିଫର୍ନିଆର ହ୍ୱିପଲ ମାଉଣ୍ଟେନ୍ସ ଏବଂ ଇମ୍ପେରିଆଲ କାଉଣ୍ଟି ଅଞ୍ଚଳରେ ଦେଖିବାକୁ ମିଳିଥାଏ। ସାଗୁଆରୋ ଫୁଲ ଆରିଜୋନାର ରାଜ୍ୟ ବନ୍ୟ ଫୁଲର ମାନ୍ୟତା ଲାଭ କରିଛି। ଆରିଜୋନା, ଟ୍ୟୁସନ ନିକଟସ୍ଥ ସାଗୁଆରୋ ଜାତୀୟ ଉଦ୍ୟାନରେ ଏହି ପ୍ରଜାତିକୁ ସୁରକ୍ଷା ଦେବା ପାଇଁ ଘୋଷଣା କରାଯାଇଛି।

## ଏସିଆର ସବୁଠୁ ବଡ କାକ୍ଟସ୍ ଗାର୍ଡେନ

ହରିୟାଣା, ଚଣ୍ଡିଗଡର ପଞ୍ଚକୁଲା ସହରରେ ଅଛି ସବୁଠୁ ବଡ଼ କାକ୍ଟସ୍ ଗାର୍ଡେନ। ଏହା ଦ ନ୍ୟାଶନାଲ କାକଟସ୍ ଆଣ୍ଡ ସକୁଲାଣ୍ଟ ବଟାନିକାଲ ଗାର୍ଡେନ ଆଣ୍ଡ ରିସର୍ଚ୍ଚ ସେଣ୍ଟର ଭାବେ ବେଶ୍ ପରିଚିତ। ୭ ଏକରର ବିସ୍ତୃତ ଅଞ୍ଚଳରେ ଏହି କାକ୍ଟସ୍ ଉଦ୍ୟାନ ରହିଛି। ୨୫୦୦ରୁ ଉର୍ଦ୍ଧ୍ୱ ପ୍ରଜାତିର କାକ୍ଟସ୍ ଓ ସେକ୍ୟୁଲାଣ୍ଟ ଏଠାରେ ଦେଖିବାକୁ ମିଳେ। ଏତେ ବଡ ଉଦ୍ୟାନର ବିକାଶ ପଛର ଉଦ୍ଦେଶ୍ୟ ହେଉଛି କାକ୍ଟସ୍ ଓ ସକୁଲାଣ୍ଟର ବିଲୁପ୍ତ ପ୍ରାୟ ପ୍ରଜାତିର ସଂରକ୍ଷଣ ସହ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା। ଏହି



ଉଦ୍ୟାନ ଏସିଆର ସବୁଠାରୁ ବଡ଼ କାକ୍ଟସ୍ ଓ ସକୁଲାଣ୍ଟ ଉଦ୍ୟାନ ଭାବେ ପରିଚିତ। ଏଠାରେ ଭାରତୀୟ ସକୁଲାଣ୍ଟର ବଡ଼ ସଂଗ୍ରହ ଅଛି, ଯାହା ପୃଥିବୀର ସବୁଠାରୁ ବଡ଼।

ସାଗୁଆରୋର ପ୍ରାୟ ୧୫୦ ବର୍ଷରୁ ଅଧିକ ବର୍ଷ ଜୀବିତ ରହିପାରେ। ସାଗୁଆରୋ ବହୁ ପରିମାଣର ବର୍ଷା ଜଳକୁ ଅବଶୋଷଣ ଏବଂ ସଂରକ୍ଷଣ କରିପାରିବାର କ୍ଷମତା ରଖେ। ପରବର୍ତ୍ତୀ ସମୟରେ ଆବଶ୍ୟକତା ଅନୁଯାୟୀ ସଂରକ୍ଷିତ ଜଳକୁ ଧୀରେ ଧୀରେ ଏହା ବ୍ୟବହାର କରିଥାଏ। ଏହି ଗୁଣ ପାଇଁ ସାଗୁଆରୋ ମରୁଡ଼ି ସମୟରେ ମଧ୍ୟ ଜୀବିତ ରହିପାରେ। ଏହା ବହୁ ପ୍ରାଣୀଙ୍କୁ ଖାଦ୍ୟ ଏବଂ ବାସସ୍ଥାନ ଯୋଗାଇଥାଏ। ସାଗୁଆରୋ ହଜାର ହଜାର ବର୍ଷ ଧରି ମାନବଙ୍କ ପାଇଁ ଖାଦ୍ୟ ଏବଂ ଆଶ୍ରୟସ୍ଥଳୀର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି। କାରଣ ଏହା ଶୁଖିଗଲା ପରେ ମରୁଭୂମିରେ ଗରିବ ଲୋକଙ୍କର ଘର ନିର୍ମାଣ ସାମଗ୍ରୀ ଭାବରେ ବ୍ୟବହୃତ ହୋଇଥାଏ। ଏହାର ମିଠା ଲାଲ ରଙ୍ଗର ରସାଳ ଫଳ ଖାଇବାକୁ ବେଶ୍ ସୁସ୍ୱାଦୁ। ଏହାଛଡା ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକ୍ ନିରାକାରପୁର ଥାନା ଅନ୍ତର୍ଗତ ଓଡିଶାର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ମା ଉଗ୍ରତାରାଙ୍କ ପୀଠକୁ ଯିବା ରାସ୍ତା କଡରେ ରହିଛି ଏମଜିଏମ ଫ୍ଲୋରିକଲଚର୍ ଗ୍ରୀନ୍ ହାଉସେସ୍। ଏହା ପ୍ରାୟ ୨୦ ଏକର ପରିମିତ ଯାଗାରେ ରହିଥିବା ବେଳେ ୪ଏକର ଜାଗାରେ ରହିଛି କାକ୍ଟସ ନର୍ସରୀ। ଏଠାରେ ଦେଶୀ, ବିଦେଶୀ ଓ ବିରଳ କାକ୍ଟସ୍‌ର ପ୍ରାୟ ୧୨୦ଟି ପ୍ରଜାତି ଏଠାରେ ଦେଖିବାକୁ ମିଳେ। ଏହା ବାଦ୍ ଓଡ଼ିଶାର ଆହୁରି ବି କେଉଁ କେଉଁ ଉଦ୍ୟାନରେ ଓ ଘରୋଇ ଭାବରେ କାକ୍ଟସ ଦେଖିବାକୁ ମିଳେ।

ସତରେ କେବେ ଦିନେ ସେ ଥିଲା ମରୁଭୂମିର ଗଛ। କିନ୍ତୁ ତା'ର ସୌନ୍ଦର୍ଯ୍ୟରେ ସମସ୍ତଙ୍କ ମନ କିଣି ନେଇଛି। ଯେଉଁଥିପାଇଁ ଏବେ ପ୍ରତି ଘରେ ଘରେ ତାକୁ ଦେଖିବାକୁ ମିଳୁଛି।

–ରୋଜାଲିନ୍ ମହାନ୍ତି







# ଭେଲ୍‌ଭେଟ୍ ଫୁଟ୍‌ୱେର



**ଅଲ୍‌ଟାଇମ୍ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ଭେଲ୍‌ଭେଟ୍ ଆଉଟ୍‌ଫିଟ୍। ଖାସ୍‌କରି ଶୀତଦିନେ ପିନ୍ଧିବା ପାଇଁ ଭେଲ୍‌ଭେଟ୍‌ଠାରୁ ଭଲ ଅପ୍ସନ ଆଉ କ'ଣ ହୋଇପାରେ। ତେବେ ଏହାର ଯେ କେବଳ ଆଉଟ୍‌ଫିଟ୍ ଆସେ ତାହା ନୁହେଁ, ଏହି ମ୍ୟାଟେରିଆଲ୍‌ର ଖୁବ୍ ସୁନ୍ଦର ସୁନ୍ଦର ଫୁଟ୍‌ୱେର୍ ବି ରହିଛି; ଯାହାକୁ ପାର୍ଟି, ଫଙ୍କଶନ୍‌ଠାରୁ ଆରମ୍ଭ କରି ଆଉଟିଂ ଏପରିକି ଅଫିସ୍‌କୁ ମଧ୍ୟ ପିନ୍ଧିକି ଯାଇହୁଏ। ଜାଣନ୍ତୁ ସେମିତି କେତୋଟି ଆକର୍ଷଣୀୟ ଭେଲ୍‌ଭେଟ୍ ଫୁଟ୍‌ୱେର୍ ସମ୍ପର୍କରେ...**

* **ଭେଲ୍‌ଭେଟ୍ ହିଲ୍ସ:** ଆକର୍ଷଣୀୟ ପାର୍ଟି ଲୁକ୍ ପାଇଁ ଏହି ଫୁଟ୍‌ୱେର୍ ପରଫେକ୍ଟ ହୋଇଥାଏ। ଆପଣ ଚାହିଁଲେ ଯେକୌଣସି ଡାର୍କ କଲର୍‌ର ଭେଲ୍‌ଭେଟ୍ ହିଲ୍ ଏଥିପାଇଁ ଟ୍ରାଏ କରିପାରିବେ। ଖାସ୍‌କରି ଲଙ୍ଗ୍ ଡ୍ରେସ୍ ସହ ଏହି ଟାଇପ୍‌ର ହିଲ୍ସ ପିନ୍ଧିଲେ ପ୍ରିନ୍‌ସେସ୍ ଲୁକ୍ ମିଳିଥାଏ। ଜିନ୍ସ ସହ ମଧ୍ୟ ଏହାକୁ ପିନ୍ଧାଯାଇପାରେ।

* **ଭେଲ୍‌ଭେଟ୍ ବୁଟ୍ସ:** ଶୀତଦିନେ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ ଭେଲ୍‌ଭେଟ୍ ବୁଟ୍ସ। ଏହାର ଅନେକ ଭେରାଇଟି ମଧ୍ୟ ଆସିଥାଏ। ତନ୍ମଧ୍ୟରୁ ଆଙ୍କେଲ୍ ଲେଙ୍ଗ୍‌ଥ ବୁଟ୍ ହେଉଛି ଅନ୍ୟତମ; ଯାହାକୁ ଆଉଟିଂ ହେଉ ଅବା ପାର୍ଟିରେ ପିନ୍ଧାଯାଇପାରେ। ନି ଲେଙ୍ଗ୍‌ଥ ଜିନ୍ସ ହେଉ ଅବା ଓ୍ୱାନ୍ ଥାର୍ଡ କିମ୍ବା ଆଙ୍କେଲ୍ ଲେଙ୍ଗ୍‌ଥ ଜିନ୍ସ ସହ ଏହାକୁ ପିନ୍ଧିଲେ ଭଲ ମାନିଥାଏ। ଆଉ ଯେଉଁମାନେ ଟିକେ ମଡର୍ନ ଲୁକ୍ ଚାହାନ୍ତି, ସେମାନେ ସର୍ଟ୍ସ ସହ ମଧ୍ୟ ଏହାକୁ ଟ୍ରାଏ କରିପାରିବେ।

* **ଫ୍ଲାଟ୍ କାଜୁଆଲ୍ ଭେଲ୍‌ଭେଟ୍ ଫୁଟ୍‌ୱେର୍:** କାଜୁଆଲ୍ ଲୁକ୍ ପାଇଁ ବକଲ୍‌ବାଲା ଫ୍ଲାଟ୍ ଭେଲ୍‌ଭେଟ୍ ଫୁଟ୍‌ୱେର୍ ଏକ ଭଲ ଅପ୍ସନ। ଏହାକୁ ଜିନ୍ସ, ସ୍କର୍ଟ ଅବା ଡ୍ରେସେସ୍ ସହ ମଧ୍ୟ ମ୍ୟାଚିଂ କରି ପିନ୍ଧାଯାଇପାରେ।



* **ଭେଲ୍‌ଭେଟ୍ ଲୋଫର୍ସ:** କୁଲ୍ କାଜୁଆଲ୍ ଲୁକ୍ ଦେଇଥାଏ ଲୋଫର୍ସ। ଆଉ ଯଦି କଥା ଭେଲ୍‌ଭେଟ୍ ଲୋଫର୍ସର ଉଠେ, ତା'ହେଲେ ତ ଖୁସିର ସୀମା ରହେନାହିଁ। ଖାସ୍ କରି ଜିନ୍ସ ସହ ଏହି ମ୍ୟାଟେରିଆଲ୍‌ର ଲୋଫର୍ସ ପିନ୍ଧିଲେ ସ୍ମାର୍ଟ ଲୁକ୍ ମିଳିଥାଏ।

* **ଭେଲ୍‌ଭେଟ୍ ସ୍ନିକର୍ସ:** ଶୀତଦିନେ ଭେଲ୍‌ଭେଟ୍ ସ୍ନିକର୍ସ ଟ୍ରାଏ କରିପାରିବେ। ଏହା ଟ୍ରେଣ୍ଡି ଲୁକ୍ ଦେଇଥାଏ। ଏହିଦିନେ କୁଆଡ଼େ ବୁଲିବାକୁ ଗଲାବେଳେ ଭେଲଭେଟ୍ ସ୍ନିକର୍ସ ପିନ୍ଧିଲେ ପାଦକୁ ବେଶ୍ କମ୍ଫର୍ଟେବଲ୍ ମଧ୍ୟ ଲାଗିଥାଏ।

* **ଭେଲ୍‌ଭେଟ୍ ଜୁତି:** ଏଥିରେ ବେଶୀ ହିଲ୍ ନଥାଏ ସତ କିନ୍ତୁ ଦେଖିବାକୁ ବେଶ୍ ଆକର୍ଷଣୀୟ। ଏହି ଟାଇପ୍‌ର ଜୁତିକୁ ଏଥିନିକ୍ ଡ୍ରେସ୍ ସହିତ ମ୍ୟାଚିଂ କରି ପିନ୍ଧିଲେ ଲୁକ୍ ବେଶ୍ ଷ୍ଟାଇଲିଶ୍ ଲାଗେ। ବିଶେଷକରି କଳା, ସୁନେଲି, ନୀଳ, ଗୋଲାପୀ ତଥା ସବୁଜ ରଙ୍ଗର ଭେଲ୍‌ଭେଟ୍ ଜୁତିର ଅଧିକ ଚାହିଦା ରହୁଥିବା ଦେଖିବାକୁ ମିଳିଥାଏ।



# ଲେଖା ଦେଇଛି ପରିଚୟ
















ଗାଁମୁଣ୍ଡ ଆମ୍ବତୋଟା ନିକଟରେ ରହିଥାଏ ଛୋଟ ପାହାଡ଼ଟିଏ। ପାଖରେ ବହିଯାଇଛି ରାଜୁଆ ନଦୀ। ନଦୀପଠାର କଡ଼ରେ ଥିବା ଧାନବିଲରେ ହସିଉଠୁଛି ସବୁଜକ୍ଷେତର ସମ୍ଭାର । ଅନିତ ଦୂରରେ ଥିବା ଏକ ପାଇକମେଳି ଗାଁର ଗଡ଼ସାହିରେ ରହିଛି ବହୁବର୍ଷର ପୁରୁଣା ଅସ୍ତ୍ରଶସ୍ତ୍ର। ପିଲାଦିନେ ସେଠାକୁ ବୁଲିବାକୁ ଯାଇ ରାଜାରାଜୁଡ଼ା ସମୟର କାହାଣୀ ଶୁଣନ୍ତି। ଯାହାକୁ ନେଇ ସେ ପ୍ରାୟ ୪ ଦଶନ୍ଧି ଧରି ସେ ଲେଖନୀ ଚାଳନା କରିଆସୁଛନ୍ତି। ଯେଉଁଥିରେ ରହିଛି ଏକାଧିକ ଗଳ୍ପ, କବିତା, ନାଟକ, ଉପନ୍ୟାସ ଓ ଐତିହାସିକ ପୁସ୍ତକ, ଯାହା ତାଙ୍କୁ ଭିନ୍ନ ପରିଚୟ ଦେଇଛି । ଶିକ୍ଷାଦାନକୁ ବୃତ୍ତିଭାବେ ଗ୍ରହଣ କରିଥିବା ବେଳେ ନିଶା ତାଙ୍କର ପାଲଟିଛି ସାହିତ୍ୟ ସାଧନା । ସେ ହେଲେ **କୃପାସିନ୍ଧୁ ବିଶ୍ୱାଳ**। ଜନ୍ମ ୧।୩।୧୯୫୫ ମସିହାରେ। ପିତା ଫକିର ବିଶ୍ୱାଳ, ମାତା ଦର୍ପଣୀ ଦେବୀ। ଘର ପୁରୀ ଜିଲା କଣାସ ବ୍ଲକର ଗଡ଼ସାନପୁଟ ଗ୍ରାମପଞ୍ଚାୟତ ଅଧୀନ ଲୋକାପାଳ ଗାଁରେ। ସେ କୁହନ୍ତି, ମୋ ବାପା ଥିଲେ ଜଣେ କୃଷକ । ଯାହା କିଛି ରୋଜଗାର କରୁଥିଲେ ସେଥିରେ ଆମ ପରିବାରରେ ବାପା, ମା ଓ ଆମେ ୩ ଭାଇ ଓ ୩ ଭଉଣୀ ଚଳୁଥିଲୁ। କିନ୍ତୁ ଘରେ ଅଭାବ ଅସୁବିଧା ଲାଗି ରହୁଥିଲା। ସେହି ସମୟରେ ହଳଦିଆପଡ଼ା, ଉ.ପ୍ରା. ବିଦ୍ୟାଳୟରେ ମୋର ପାଠପଢ଼ା ଆରମ୍ଭ ହୋଇଥିଲା। ସେତେବେଳେ ୬ଷ୍ଠ ଶ୍ରେଣୀରେ ପଢୁଥାଏ । ପ୍ରତିଦିନ ଆମ ଘରକୁ ଡାକରେ ପ୍ରଜାତନ୍ତ୍ର ଖବରକାଗଜ ଆସୁଥିଲା। କିନ୍ତୁ ପ୍ରତି ଗୁରୁବାର ସେଥିରେ ଶିଶୁମାନଙ୍କ ପାଇଁ ମିନାବଜାର ପ୍ରକାଶ ପାଇଥାଏ, ଯେଉଁଥିରେ ଶିଶୁମାନଙ୍କ ନିମନ୍ତେ ଗଳ୍ପ, କବିତା, ହସକଥା ଆଦି ଥାଏ। ସେଗୁଡ଼ିକୁ ପଢ଼ିବା ମୋର ଏକ ନିଶା ହୋଇଗଲା। ଏମିତି କି କିଛି କିଛି ଗପ ଓ କବିତା ମଧ୍ୟ ଲେଖିଲି। ଥରେ ଏକ କବିତା 'ଆମ ଗାଁ ତୋଟା ତଳର ରାଜୁଆ ନଈ'ଲେଖାଟି ମିନାବଜାରକୁ ପଠାଇଥିଲି। ଏହା ପ୍ରକାଶ ପାଇଥିଲା। ଏହାପରେ ମତେ ବିଷୁବ ପୁରସ୍କାର ମିଳିଥିଲା। ଏଥିପାଇଁ ଲେଖା ପ୍ରତି ମନରେ ଅଧିକ ଆଗ୍ରହ ସୃଷ୍ଟି ହୋଇଥିଲା। ମୋ ବଡ଼ଭାଇ ଦୀନବନ୍ଧୁ ବିଶ୍ୱାଳ ମତେ ଉତ୍ସାହିତ କରିଥିଲେ। ଆମ ଅଞ୍ଚଳର ଜଣାଶୁଣା ଲେଖକ ଫକିର ହରିଚନ୍ଦନଙ୍କ ଲେଖାକୁ ମୁଁ ପଢ଼େ। ତାହା ମୋତେ ପ୍ରଭାବିତ କରିଥିଲା। ଏହି ସମୟରେ ବିଭିନ୍ନ ଐତିହାସିକ ପୀଠ ବିଷୟରେ ଜାଣିବାକୁ ମନରେ ଆଗ୍ରହ ଜନ୍ମୁଥିଲା। ଏଥିଯୋଗୁ ବିଭିନ୍ନ ଇତିହାସ ପୁସ୍ତକ ପଢିବାକୁ ଲାଗିଲି। ବିଶେଷକରି ଖୋର୍ଦ୍ଧା ଇତିହାସ, ଓଡ଼ିଶାର ରାଜାରାଜୁଡ଼ାଙ୍କ କଥା, ବ୍ରିଟିଶ ଶାସନ ସମୟର କେତେକ ଲୁକ୍କାୟିତ ଘଟଣା ଜାଣିବା ପାଇଁ ମନରେ ଏକପ୍ରକାର ଜିଜ୍ଞାସା ଜାତ ହେଲା। କିନ୍ତୁ ଆମ ଅଞ୍ଚଳର ଇତିହାସ ବିଷୟରେ ଜାଣିବା ପାଇଁ ଅଧିକାଂଶ ସମୟ ବିଭିନ୍ନ ଇତିହାସ ବହିକୁ ଅଧ୍ୟୟନ କଲି। ଏମିତିରେ କେତେକ ପତ୍ରପତ୍ରିକାରୁ ବିଭିନ୍ନ ଇତିହାସ ତଥ୍ୟକୁ ସଂଗୃହୀତ କରିବାରୁ କେତେକ ପୁସ୍ତକ ରଚନାରେ ସହାୟକ ହୋଇପାରିଥିଲା। ସେଥିମଧ୍ୟରେ –ଗଡ଼ ଓ ଗଡ଼ଖାଇ, ଓଡ଼ିଶାର ଗଣବିଦ୍ରୋହ, ପାଇକ ଖେଦା, ଫିରିଙ୍ଗକଳି ଭାରତ, ଚଇନି ଚକଡ଼ା ଓ ଚକଡ଼ାପୋଥି। ସାରସ୍ୱତ ୱାର୍ଡବୁକ୍ ଛୋଟ/ବଡ଼ ,ସାଉଁଟା ଫୁଲର ମାଳା, କଥା କୈବଲ୍ୟ, ଓଡ଼ିଶାର କିମ୍ବଦନ୍ତୀ ଓ କାହାଣୀ, ସାରସ୍ୱତ ଓଡ଼ିଆ ଭାଷା କୋଷ,ବାଙ୍କା ଦାଶ ଚଉପଦୀ, ଓଡ଼ିଆ ପ୍ରତିଶବ୍ଦ, ପର୍ଯ୍ୟଟନ ଓଡ଼ିଶା, ଦାନବୀର ତାପଙ୍ଗ ଦଳବେହେରା, ଶହୀଦ ରଘୁଦିବାକର, ବକ୍ସି ଜଗବନ୍ଧୁ, ବୀର ସୁରେନ୍ଦ୍ର ସାଏ, ମହୀୟସୀ ମହିଳା କସ୍ତୁରବା, ଓଡ଼ିଆ ରଚନା ଓ ପତ୍ର ଲିଖନ, ସମ୍ରାଟ ଅଶୋକ, ଅବଦୁଲ କଲାମ ଆଦି ପ୍ରାୟ ୬୭ ପୁସ୍ତକ ପ୍ରକାଶିତ ହୋଇସାରିଛି। ଏହାବାଦ ଶିକ୍ଷକତା ଜୀବନରେ ପିଲାମାନଙ୍କ ପାଇଁ କେତେକ ଶିଶୁମନସ୍କ ପୁସ୍ତକ ବି ଲେଖିଛି। ବିଦଗ୍ଧ କବି ଅଭିମନ୍ୟୁ ସାମନ୍ତସିଂହାରଙ୍କ କାଳରୂପଣ ଶୀର୍ଷକଟି ୧୯୭୮ମସିହାରେ ଝଙ୍କାରରେ କ୍ରମାଗତଭାବେ ପ୍ରକାଶିତ ହୋଇଥିଲା।

ମୋର ସାହିତ୍ୟ ସାଧନା ଲାଗି ବିଷୁବ ପୁରସ୍କାର ପ୍ରଜାତନ୍ତ୍ର ପ୍ରଚାର ସମିତି କଟକ, ଟିକି ଦୁନିଆ, ପଲ୍ଲୀବିକାଶ ସାହିତ୍ୟ ସଂସଦ ଗଡ଼ମାଣତ୍ରୀ, ବ୍ରହ୍ମଗିରି ସାହିତ୍ୟ ସଂସଦ,ଖୋର୍ଦ୍ଧା ସାହିତ୍ୟ ସଂସଦ, ଦକ୍ଷିଣ ଓଡ଼ିଶା ସାହିତ୍ୟ ପରିଷଦ ରାୟଗଡ଼ା, ରାଜଧାନୀ ପୁସ୍ତକମେଳା ଭୁବନେଶ୍ୱର ଆଦିରୁ ପୁରସ୍କୃତ ହୋଇଛି। ଖୋର୍ଦ୍ଧା ପ୍ରାଣନାଥ କଲେଜରେ ବିଏସ୍‌ସି ପଢ଼ା ସମୟରେ ମୋର ପ୍ରଥମ ଉପନ୍ୟାସ 'ବିଷବୃକ୍ଷ' ପୁସ୍ତକ ପ୍ରକାଶିତ ହୋଇଥିଲା। ପାଠପଢ଼ା ପରେ ପ୍ରଥମେ କଟକ ବଡ଼ମେଡିକାଲରେ ଜୁନିୟର ରିସର୍ଚ୍ଚର ଅଫିସରଭାବେ ନିଯୁକ୍ତି ପାଇଲି। ସମୟକ୍ରମେ ଶିକ୍ଷକତା ପ୍ରତି ମନ ବଳାଇଥିଲି। ତା'ପରେ ମନ୍ଦାରବସ୍ତ ଏମ୍‌ଇ ସ୍କୁଲରେ ଶିକ୍ଷକ ଚାକିରି କଲି। ସରକାରୀ ଶିକ୍ଷକତା କାର୍ଯ୍ୟରୁ ଅବସର ନେଲା ପରେ କିଛିଦିନ ଏକ ଖବର କାଗଜର ପ୍ରୁଫ୍‌ରିଡର୍‌ଭାବେ କାର୍ଯ୍ୟକରିଥିଲି। ମାତ୍ର ଲେଖନୀ ଚାଳନା ଜାରି ରହିଥାଏ। ଲେଖାଲେଖି ସହ ମୋର ପଢିବାରେ ବି ଖୁବ୍ ଆଗ୍ରହ। ମୋ ଆଖପାଖରେ ମତେ ଯେତେବେଳେ ଯେଉଁ ପତ୍ରପତ୍ରିକା ମିଳେ ତାକୁ ପଢେ। ଆଉ ଭଲ ଲାଗୁଥିବା ଲେଖାକୁ କାଟି ସାଇତି ରଖେ। ଯାହା ପରବର୍ତ୍ତୀ ସମୟରେ କାମରେ ଲାଗେ। ଆଗାମୀ ପିଢ଼ିର ଦାୟାଦମାନେ ଯେପରି ଆମ ପରମ୍ପରାକୁ ନେଇ ଗର୍ବ ଓ ଗୌରବ ଅନୁଭବ କରିବା ସହିତ ସେମାନଙ୍କ ଭିତରେ କିପରି ସ୍ୱତନ୍ତ୍ର ପରିଚୟ ସୃଷ୍ଟି ହୋଇପାରିବ, ଏଥିପାଇଁ ସାହିତ୍ୟ ସାଧନା ଜାରିରଖିଛି।



**–ବନବିହାରୀ ବେହେରା**







# ଦେବୀ କୃପା

**–ଗାୟତ୍ରୀ ଦାସ**

ଏମିତି ଅନ୍ଧାରୁଆ ନିରୋଳା ଜାଗାଟେ ହିଁ ଖୋଜୁଥିଲା ସୁଧାକର । ଯେଉଁଠି ସବୁ ଅବସାଦକୁ ହା କରି ଉଡ଼େଇ ଦେଇପାରିବ । ଗାଁ ମୁଣ୍ଡରେ ଏକକୋଣିକିଆ ହୋଇ କେଉଁ କାଳରୁ ଅଛି ମା' ବାଗ୍‌ଦେବୀଙ୍କ ମନ୍ଦିର । କିଏ ଅକାଳେ ସକାଳେ ଆସନ୍ତି । ପରୀକ୍ଷା ସମୟ ଆସିଲେ ସ୍କୁଲ ପିଲା ଆସନ୍ତି ମୁଣ୍ଡିଆ ମାରି ଆଶୀର୍ବାଦ ନେବାକୁ । ସୁଧାକର ମା'ଙ୍କୁ ସାଷ୍ଟାଙ୍ଗ ପ୍ରଣିପାତ ହେଲା । ମୂର୍ତ୍ତି ପାଖରେ ଗୁମ୍ ମାରି ବସିଲା । ଜୀବନରେ କିଛି କରିପାରିଲାନି, ଯେଉଁ ଡାଳ ଧରିଲା ସେ ଡାଳ ଭାଙ୍ଗିଲା । ଚାଷ, ବ୍ୟବସାୟ, ଚାକିରି କିଛି ବି ହେଲାନି ତା' ଦ୍ୱାରା । ଆଉ କେମିତି ସେ ମିତାକୁ ନିଜର କରିବ ଯେ ? କିଛି ନ ହେଲେ ଛାତ ଆଉ ଭାତ ତ ଲୋଡ଼ିବ ସେ ! ସକାଳ ଯାଇ ରାତି ହେଲା । ନିକାଞ୍ଚନ ଜାଗା । ଅନ୍ଧାର ପହଁରି ଯାଉଛି । ବେଢ଼ାରେ ଶୋଇଛି ସୁଧାକର । ଟିକେ ବି ଭୟ ନାହିଁ । ରାତି କେତେ ହେବ କେଜାଣି ! ଧଳା ଶାଢ଼ି ପିନ୍ଧି ହଂସ ଉପରେ ବସି ଦେବୀ ପ୍ରକଟ ହେଲେ । ସୁଧାକର ଆଶ୍ଚର୍ଯ୍ୟ ହୋଇ ଉଠି ବସିଲା । ଦେବୀ କହିଲେ, ତୋ ଦୁଃଖ ମୁଁ ଜାଣେ । ମୋ ଆଶ୍ରିତ ତୁ । ତୋତେ ଅଭୟ ଦେବା ମୋ ଧର୍ମ । ତେବେ ମୁଁ ତ ଧନର ଦେବୀ ନୁହେଁ, ବିଦ୍ୟାର ଦେବୀ । ଗୋଟେ ମନ୍ତ୍ର ଦେଉଛି । ମନେରଖିବୁ । କାଗଜରେ ଲେଖିବୁ ନାହିଁ । ଥରେ ମାତ୍ର କେଉଁ ଲୁହା ଜିନିଷକୁ ସେ ମନ୍ତ୍ର ପଢ଼ି ଛୁଇଁଦେଲେ ତାହା ସୁନା ପାଲଟିଯିବ । ସେ ଲୁହା ଅନ୍ୟର ନ ଥିବ କି ବଜାରରୁ କିଣା ହୋଇ ନ ଥିବ । ସବୁଦିନ ସକାଳେ ଖୋଲା ପବନରେ ଟିକେ ବୁଲିବୁ। ହରି ନାମ ନେବୁ । ମନ୍ତ୍ରଟି ସବୁଦିନେ ମନେ ପକେଇବୁ, ନ ହେଲେ ପାସୋରି ଯିବୁ । ସୁଧାକର ଆଖି ମଳିଲା ବେଳକୁ ଦେବୀ ନ ଥିଲେ, ମାତ୍ର ମନେରହିଯାଇଥିଲା ମନ୍ତ୍ରଟି। ସତ୍ୟତା ପରୀକ୍ଷା କରିବାକୁ ଇଚ୍ଛା ହେଲା ତା'ର । ହାତର ଲୁହାକଡ଼ାଟି ଉପରେ ନଜର ପଡ଼ିଲା । ପୁଣି ମନେପଡ଼ିଲା ଥରେ ମାତ୍ର ବ୍ୟବହାର କରିପାରିବ ମନ୍ତ୍ରଟିକୁ । ତାକୁ ବହୁତ ସୁନାର ଆବଶ୍ୟକତା ଅନୁଭବ ହେଲା । କାହୁଁ ଆଣିବ ଏତେ ଲୁହା ସୁନାରେ ବଦଳାଇବା ପାଇଁ ? ଏବେ ସବୁଦିନ ସକାଳେ ପିଠିରେ ବଡ଼ ଜରିବସ୍ତା ପକେଇ ଗାଁ ସହର ତଳିରୁ ଭଙ୍ଗା ଲୁହା ଗୋଟେଇବାରେ ଲାଗିଲା । ସବୁଦିନିଆ ଜରି ଗୋଟାଳିଙ୍କ ସହ ଝଗଡ଼ା କଲା । ତା' ନିଜ ଜାଗାରେ ପାଚେରି କରି ସେସବୁ ଜମାକଲା । ବର୍ଷ ପରେ ବର୍ଷ ବିତିଗଲା ଲୁହା ଜମା କରିବାରେ । ଏବେ ଆଉ ଜାଗା ନ ଥିଲା ଲୁହା ରଖିବା ପାଇଁ । ଦିନେ ସକାଳେ ଚିନ୍ତାକଲା ଏତିକି ଲୁହା ସୁନା ହୋଇଗଲେ ସାତ ପୁରୁଷ ଚଳିଯିବ । ଏଥର ମନ୍ତ୍ର ପଢ଼ାଯାଉ । ଗାଧୋଇ ଚିତା ତିଳକ କରି ଆସି ଲୁହାଗଦା ଉପରେ ଚକାମାରି ବସିଲା । ମନ୍ତ୍ର ମନେ ପକେଇଲା । ହାୟ ... ଆଉ ଶବ୍ଦ ଟିଏ ବି ମନେ ନାହିଁ । ଲୁହା ଗୋଟେଇବାର ବ୍ୟସ୍ତତା ଭିତରେ ସେ ଯେ ଅଭ୍ୟାସ କରିବା ଭୁଲିଯାଇଥିଲା ! ଚିତ୍କାର କଲା ସୁଧାକର । ଭଙ୍ଗା ଲୁହା ସବୁ ଉପରେ ପାଗଳ ପରି ଗଡ଼ିଲା । ଦିନ ଯାଇ ରାତି ହେଲା । ରାତି ସରି ଦିନ ହେଲା । ଆକାଶରେ ଚିଲ ଉଡ଼ିଲେ । ମ୍ୟୁନିସିପାଲିଟି ଲୋକ ଆସି ମଡ଼ା ଉଠେଇବା ବେଳେ ଆଖପାଖର ଲୋକମାନେ କୁହାକୁହି ହେଉଥିଲେ – ସୁଧାକରଟା ଭଲ ପିଲା ଥିଲା, ପାଗଳ କେମିତି ହେଲା ! ଯାଃ... !

*–ପପୁଲାର ଷ୍ଟିଲ୍, ଦୁର୍ଗାବିହାର, ଅନୁଗୋଳ*
*ମୋ: ୮୨୪୯୫୮୬୪୪୩*

# ଗୋଳିପାଣି

**–ପ୍ରଣତି ବେହେରା**

ନିର୍ମଳ ଜଳରେ ଦିଶିଯିବ କାଳେ ପ୍ରତିବିମ୍ବ
ନୀଳଆକାଶର
ଭ୍ରାନ୍ତିର କଳାପରଦା ଖସାଇ
ଝଟକି ଉଠିବ ବିଭୋର୍ ସକାଳ
ପକ୍ଷୀମାନେ ଥଣ୍ଟରେ ବୋହି ଆଣିବେ ମିଠାଫଳ
ମଣିଷ, ମଣିଷ ଭଳି ହିଁ ଦିଶୁଥିବେ
ପବନରେ ବିଞ୍ଚି ହେଇଯିବ ସୌହାର୍ଦ୍ଦ୍ୟର ଅବିର...

ବେଳହୁଁ ସାବଧାନ ନହେଲେ ଯେ
ଘୋଟିଯିବ ଘୋର ପ୍ରମାଦକାଳ...
ରାଜେନ୍ଦ୍ର !
ତୁମ ପାଲିଙ୍କି ଓ ପାଟଛତା ସମ୍ଭାଳ, ସମ୍ଭାଳ ।
ବେଳଥାଉଁ
ବିଛେଇଦିଅ ବିଭ୍ରାନ୍ତିର ଖୁଦ ଆଉ ଜାଲ
ଓହ୍ଲେଇ ଆସନ୍ତୁ ଅକ୍ଷୌହିଣୀ ପ୍ରାଣପକ୍ଷୀ ଅପଶକ୍ତିର
ଧର୍ମକୁ ଅଫିମ୍ ଖୁଆଇ କର ମଉଭୋଳ
ଧ୍ୱଂସର ଅବଶେଷପରେ ନାଚୁଥିବ ଦିନେ
କବନ୍ଧ
ଆତ୍ମୀୟ, ପରିଜନଙ୍କର !

ଗୋଳିପାଣି ଗୋଳି ହେଇରହିଥାଉ...
ଏଇତ ରହସ୍ୟ...
ତୁମ ରାଜପାଟର !!!

*–ଅଧ୍ୟାପିକା, ଓଡ଼ିଆ ଭାଷାସାହିତ୍ୟ ବିଭାଗ*
*ଭେଷଜ ରମ୍ଭାବତୀ ମହାବିଦ୍ୟାଳୟ, କୁଣ୍ଡୁକେଳା,*
*ସୁନ୍ଦରଗଡ଼, ମୋ:୯୪୩୮୬୦୭୩୯୬*

# ଗୋଟାପଣେ

**–ପ୍ରଶାନ୍ତ କୁମାର ଦାଶ**

ମୁଁ ଖୋଜି ଖୋଜି ନୟାନ୍ତ
ତୁ ହଜି ହଜି ନୟାନ୍ତ ।

ମୋର ହେଇଥାଉ ତୋର ହଜିବାପଣ
ତୋର ହେଇଥାଉ ମୋର ଖୋଜିବାପଣ ।
ମୁଁ ତତେ, ତୁ ଅଧା ପିଇଥିବା
ଗରମ୍ କଫିରେ ଖୋଜିବି,
ଆଉ ତୁ, ଓଠ ଫାଙ୍କଦେଇ
ମୋ ଭିତରେ ଗୋଟାପଣେ ହଜିଯାଉଥିବୁ ।

*–ରେଗଡା, ଏମ୍.ରାମପୁର, କଳାହାଣ୍ଡି*
*ମୋ:୭୭୩୫୪୧୯୫୭୩*



# ଫେଭରିଟ ଆଲୁ ପରଟା


କରୀନା

କରୀନା କପୁର ପ୍ରତିଦିନ ଯାହା ଖାଇଲେ ମଧ୍ୟ ଗୋଟିଏ ଜିନିଷକୁ ଆଦୌ ଭୁଲି ନ ଥାନ୍ତି। ତାହା କ'ଣ ଜାଣନ୍ତି ? ଆଲୁ ପରଟା। ତାଙ୍କର ଦୈନନ୍ଦିନ ଖାଦ୍ୟ ତାଲିକାରେ ଏହା ଯେମିତି ହେଲେ ସାମିଲ ଥାଏ। ଏପରି କି ଶୁଟିଂ ପାଇଁ ବାହାରକୁ ଗଲେ ତାଙ୍କର ଲଞ୍ଚ ମେନ୍ୟୁରେ ସେ ଏହା ଖାଇବାକୁ ପସନ୍ଦ କରିଥାଆନ୍ତି। କାରଣ ସେ ଭାରି ଖାଇବା ପ୍ରିୟ। ଘରେ ରହିଲେ ସେ କିଛି ନା କିଛି ଖାଇବାକୁ ଭୁଲି ନ ଥାନ୍ତି। କରୀନା ଅନ୍ୟ ଏକ କଥା ପ୍ରତି ବେଶ୍ ସଚେତନ ଥାଆନ୍ତି। ତାହା ହେଲା ତାଙ୍କର ଫିଟ୍‌ନେସ୍। ପ୍ରତିଦିନ କିଛି ସମୟ ଯୋଗ-ପ୍ରାଣାୟାମ କରିବା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ଏକାଥରେ ସେ କେତେଥର ସୂର୍ଯ୍ୟ ନମସ୍କାର କରିପାରନ୍ତି ଜାଣନ୍ତି ? ପଚାଶ ଥର। ଏପରି କି କେତେକ କଷ୍ଟସାଧ୍ୟ ଆସନରେ ସେ ପାଖାପାଖି ଅଧ ମିନିଟ ପର୍ଯ୍ୟନ୍ତ ସ୍ଥିର ହୋଇ ରହିପାରନ୍ତି। ତାଙ୍କର ପସନ୍ଦର ଡ୍ରେସ ହେଲା ଜିନ୍ସ ଏବଂ ଟି ଶାର୍ଟ। ସବୁଠାରୁ ଖାସ୍ କଥା ହେଲା, କେତେକ କାରଣରୁ ନିଜ ଆକ୍ଟିଂ କ୍ୟାରିୟରରେ ସେ ସୁପରହିଟ୍ ଫିଲ୍ମ 'କହୋ ନା ପ୍ୟାର ହୈ', 'କଲ୍ ହୋ ନା ହୋ' ଏବଂ 'କୁଇନ୍'କୁ ହାତଛଡା କରିଥିବାରୁ ଏବେ ମଧ୍ୟ ଅନୁତାପ କରିଥାଆନ୍ତି।

# ଆଲିଆ ବନାମ ରଣବୀର


ଆଲିଆ

ନିକଟରେ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି ଆଲିଆ ଭଟ୍ଟ ଏବଂ ରଣବୀର କପୁର। ହେଲେ ସେମାନଙ୍କର ବ୍ୟକ୍ତିଗତ ଜୀବନ ଏଥିଲାଗି ଆଲୋଚନାର ଖୋରାକ ଯୋଗାଇନାହିଁ। ବରଂ ଦୁହିଁଙ୍କ ରିଲ୍ ଲାଇଫର ଏକ ଘଟଣାକୁ ନେଇ ଚର୍ଚ୍ଚା। କଥା କ'ଣ କି ଆଲିଆ ନିକଟରେ ନିଜର ହଲିଉଡ୍ ଡେବ୍ୟୁ କରିଥିଲେ। ଆଉ ଫିଲ୍ମଟି ଥିଲା 'ହାର୍ଟ ଅଫ ଷ୍ଟୋନ୍'। ଏହି ଚଳଚ୍ଚିତ୍ରଟି ଚଳିତ ବର୍ଷ ଅଗଷ୍ଟ ୧୧ରେ ପରଦା ଉପରକୁ ଆସିବ। ପୁଣି ଏପରି ସଂଯୋଗ ଯେ ସେହି ଦିନ ହିନ୍ଦୀ ସିନେମା 'ଆନିମଲ୍' ମଧ୍ୟ ମୁକ୍ତିଲାଭ କରିବାକୁ ଯାଉଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଆଲିଆଙ୍କ ପତିଦେବ ରଣବୀର। ପୁଣି ଦୁହେଁ ଏହି ଫିଲ୍ମ ହିଟ୍ ହେବ ବୋଲି ଆଶା ରଖିଛନ୍ତି। 'ହାର୍ଟ ଅଫ ଷ୍ଟୋନ୍'ରେ ଆଲିଆଙ୍କ ବ୍ୟତୀତ ଗାଲ ଗାଡୋଟ୍, ସୋଫି ଓକୋନେଡୋ, ମାଥଆସ ସ୍କୁଇଗୋଫର, ଜିଙ୍ଗ ଲୁସି ପ୍ରମୁଖ କଳାକାର ଅଭିନୟ କରିଛନ୍ତି। ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଟମ୍ ହାର୍ପର। ଅନ୍ୟପକ୍ଷରେ ରଣବୀର ଅଭିନୀତ ତଥା ସନ୍ଦୀପ ରେଡ୍ଡି ଭାଙ୍ଗାଙ୍କ ନିର୍ଦ୍ଦେଶିତ 'ଆନିମଲ୍'ରେ ଅନୀଲ କପୁର ଏବଂ ରଶ୍ମିକା ମାନ୍ଦାନାଙ୍କୁ ଦେଖିବାକୁ ମିଳିବ। ତେବେ ଫିଲ୍ମଦ୍ୱୟ ରିଲିଜ ହେବା ପରେ ହିଁ କେଉଁଟି ଦର୍ଶକାଦୃତ ହେଉଛି ତାହା ଜଣାପଡିବ।

# କଥା ମା-ବାପା-ପିଲାଙ୍କର

ଏକ ଭିନ୍ନ ଧରଣର କାହାଣୀକୁ ଆଧାର କରି ନିର୍ମିତ ହୋଇଛି ଓଡ଼ିଆ ଚଳଚ୍ଚିତ୍ର 'ମାମା ୱେଡସ ପାପା'। ପିଲାମାନେ କିପରି ମା-ବାପାଙ୍କର ବିବାହ କରାଉଛନ୍ତି ତାହାକୁ ନେଇ କାହାଣୀ ଗତିଶୀଳ। 'ଏପରି ଏକ ମ୍ୟାରେଜ ପଛରେ କି କାରଣ ରହିଛି ତାହା ଏବେ ତ କହିଦେଲେ ହେବ ନାହିଁ। ଫିଲ୍ମଟି ଦେଖିଲେ ହିଁ ଏଭଳି ପ୍ରଶ୍ନର ଉତ୍ତର ଆପଣ ନିଜେ ଜାଣିପାରିବେ। ଏହି ଫିଲ୍ମରେ ସସପେନ୍ସ, କମେଡି, ରୋମାନ୍ସ ଏବଂ ଫ୍ୟାମିଲି ଡ୍ରାମା ରହିଛି। ସବୁ ବର୍ଗର ଦର୍ଶକ ଏଥିରୁ ଫୁଲ୍ ଏଣ୍ଟରଟେନମେଣ୍ଟ ପାଇବେ ବୋଲି କହନ୍ତି ଏହାର ନିର୍ଦ୍ଦେଶକ ଆପୁ କାନୁନଗୋ। ସେ ମଧ୍ୟ ଏହାର କାହାଣୀ, ଚିତ୍ରନାଟ୍ୟ ରଚନା କରିଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି ବି. ଚନ୍ଦ୍ରପ୍ରିୟା ସୁବୁଦ୍ଧି। ଏହି ଚିତ୍ରର ବିଭିନ୍ନ ଭୂମିକାରେ ଅଭିଷେକ, ରିଷିତା, ପ୍ରିୟଙ୍କା, ବଲିଉଡ୍ ଅଭିନେତା କ୍ରିଷ୍ଣା ଅଭିଷେକ, ଜ୍ୟୋତି ମିଶ୍ର, ଦେବୁ ପଟ୍ଟନାୟକ ଗୁଡୁ, ଐଶ୍ୱର୍ଯ୍ୟା ଏବଂ ଶିଶୁ କଳାକାର ମୁନି ଅଭିନୟ କରିଛନ୍ତି। ଫିଲ୍ମଟିର ସମସ୍ତ କାମ ଶେଷ ହୋଇଛି ଏବଂ ଏହା ଚଳିତ ମାସ ଶେଷ ସପ୍ତାହ ସୁଦ୍ଧା ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ଚନ୍ଦ୍ରମା


ପ୍ରିୟା-ଦେବାଶିଷ

ସତ୍ୟ ଘଟଣା ଉପରେ ଅଧାରିତ ଆଉ ଏକ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଆଲୋଚନା। ଏହାର ଟାଇଟଲ ରହିଛି 'ଚନ୍ଦ୍ରମା'। ଏକ ଭୌତିକ ଘଟଣାକୁ ନେଇ କାହାଣୀ ଆଗକୁ ଗତି କରୁଛି। ଧୁନ୍ ମ୍ୟୁଜିକାଲ ବ୍ୟାନରରେ ନିର୍ମିତ ଏହି ଚଳଚ୍ଚିତ୍ରର ପ୍ରଥମ ଟିଜର ରିଲିଜ ହୋଇଯାଇଛି। କେବଳ ସେତିକି ନୁହେଁ, ପ୍ରଥମ ଟିଜର ରିଲିଜ ହେବାର ଅଳ୍ପ କିଛି ସମୟ ମଧ୍ୟରେ ରେକର୍ଡ଼ ସଂଖ୍ୟକ ଭାଇରାଲ୍ ହେବା ସହ ସିନେ କ୍ରିଟିକସଙ୍କର ମଧ୍ୟ ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଛି ଏହି ଫିଲ୍ମ। ବର୍ତ୍ତମାନ ଏହା ଓଡ଼ିଆ ଭାଷାରେ ନିର୍ମିତ ହେଉଛି। ପରବର୍ତ୍ତୀ ସମୟରେ ହିନ୍ଦୀ, ତାମିଲ, ତେଲୁଗୁ, ମାଲାୟାଲାମ ଭାଷାରେ ପ୍ରସ୍ତୁତ ହେବ ବୋଲି ଏହାର କ୍ରିଏଟିଭ ହେଡ୍ ସୂଚନା ଦେଇଛନ୍ତି। ଫିଲ୍ମଟିର ପ୍ରଯୋଜନା କରିଛନ୍ତି କେପି ଏବଂ ସହ-ପ୍ରଯୋଜନା ଦାୟିତ୍ୱ ତୁଲାଇଛନ୍ତି ରବି ମହାନ୍ତି। ଏହାର ନିର୍ଦ୍ଦେଶନା ଦେଉଛନ୍ତି ବିଶ୍ୱ ଭୂଷଣ ମହାପାତ୍ର। ଏହି ଚଳଚ୍ଚିତ୍ରରେ ଦେବାଶିଷ ପାତ୍ର, ଭୂମିକା ଦାଶ ଓ ପ୍ରିୟା ଚୌଧୁରୀ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି। ଖୁବ୍ ଶୀଘ୍ର ଏହା ପ୍ୟାନ ଇଣ୍ଡିଆ ସ୍ତରରେ ମୁକ୍ତିଲାଭ କରିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

# ମାର୍ଚ୍ଚକୁ ଅପେକ୍ଷା


ଶ୍ରଦ୍ଧା

ଶ୍ରଦ୍ଧା କପୁର ଏବେଠାରୁ ଦିନ ଗଣିବା ଆରମ୍ଭ କରିଦେଲେଣି। କାରଣ ଆଉ କେଇ ସପ୍ତାହ ପରେ ତାଙ୍କ ଅଭିନୀତ ସିନେମା 'ତୁ ଝୁଟି ମେଁ ମକ୍କାର' ମୁକ୍ତିଲାଭ କରିବ। ଏହାର ଟିଜରକୁ ଦର୍ଶକ ପ୍ରଶଂସା କରିବା ପରେ ଶ୍ରଦ୍ଧାଙ୍କ ଖୁସି କାହିଁରେ କେତେ। ଏ ନେଇ ସେ କହନ୍ତି, 'ଫିଲ୍ମଟିର କାହାଣୀ ରୋମାଣ୍ଟିକ-କମେଡି ଉପରେ ପର୍ଯ୍ୟବସିତ। ଏହାକୁ ଯେଉଁଭଳି ଉପସ୍ଥାପନା କରାଯାଇଛି ସେଥିରୁ ମୋର ଦୃଢ଼ ବିଶ୍ୱାସ ଯେ, ଦର୍ଶକ ଏଥିରୁ ଶତ ପ୍ରତିଶତ ଏଣ୍ଟରଟେନମେଣ୍ଟ ପାଇବେ। ଜଣେ କଳାକାର ନିଜ ସିନେମାର ସଫଳତାକୁ ନେଇ ଆଶା ରଖିବା ସ୍ୱାଭାବିକ। ଯେବେଠାରୁ ଏହାର ରିଲିଜ ଡେଟ୍ (ମାର୍ଚ୍ଚ ୮) ଘୋଷଣା କରାଗଲା, ସେତେବେଳଠାରୁ ମୁଁ ଦିନ ଗଣିବା ଆରମ୍ଭ କରିଦେଇଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ।' ଏହି ଫିଲ୍ମରେ ଶ୍ରଦ୍ଧାଙ୍କ ନାୟକ ସାଜିଛନ୍ତି ରଣବୀର କପୁର। ଏଥିରେ ବୋନି କପୁର ଏବଂ ଡିମ୍ପଲ କାପାଡିଆଙ୍କୁ ମଧ୍ୟ ଦେଖିବାକୁ ମିଳିବ। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଲଭ୍ ରଞ୍ଜନ। ଗୀତଗୁଡିକୁ ସ୍ୱର ଦେଇଛନ୍ତି ଆଗଧାଡିର ସଙ୍ଗୀତ ନିର୍ଦ୍ଦେଶକ ପ୍ରୀତମ। ଫିଲ୍ମଟିର ବିତରଣ ଦାୟିତ୍ୱ ନେଇଛନ୍ତି ଯଶରାଜ ଫିଲ୍ମସ।

# ଜେଲର୍


ତମନ୍ନା

ତାମିଲ ଫିଲ୍ମ 'ଜେଲର୍'ରେ ରଜନୀକାନ୍ତ ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି। ହେଲେ ଏହାର କାଷ୍ଟିଂରେ ଆଉ ଜଣେ ନାମୀ ଅଭିନେତ୍ରୀଙ୍କୁ ସାମିଲ କରାଯାଇଛି। ସେ ହେଲେ ତମନ୍ନା ଭାଟିଆ। ଯେତେବେଳେ ତାଙ୍କୁ ଅଫର ମିଳିଲା ଯେ ସେ ରଜନୀଙ୍କ ଫିଲ୍ମରେ ଆକ୍ଟିଂ କରିବେ ସେତେବେଳେ ସେହି କଥାକୁ ସେ ସହଜରେ ବିଶ୍ୱାସ କରିପାରି ନ ଥିଲେ। ଏ ନେଇ ତମନ୍ନା କହନ୍ତି, 'ରଜନୀକାନ୍ତଙ୍କ ଭଳି ବର୍ଷୀୟାନ ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ଯେତେବେଳେ ମୋତେ ଏହି ଅଫରଟି ମିଳିଲା ତାହାକୁ ମୁଁ ସହଜରେ ବିଶ୍ୱାସ କରିପାରି ନ ଥିଲି। କାରଣ ତାଙ୍କ ଭଳି ଜଣେ ଅଭିନେତା ଆମ ସମସ୍ତଙ୍କ ପାଇଁ ଆଇକନ୍। ତାଙ୍କୁ ହିଁ ଫଲୋ କରି ଆଜି ଅନେକ ଜଣ ଦକ୍ଷ କଳାକାର ହୋଇପାରିଛନ୍ତି।' ଏହି ଫିଲ୍ମରେ ରଜନୀକାନ୍ତଙ୍କ ଭୂମିକାଟି ହେଲା ଜେଲର୍ ମୁଥୁଭେଲ୍ ପାଣ୍ଡିଆନ୍। ଏଥିରେ ଅଭିନୟ କରିବାକୁ ଥିବା ଅନ୍ୟ କଳାକାରମାନେ ହେଲେ ପ୍ରିୟଙ୍କା ମୋହନ, ଶିବ ରାଜକୁମାର, ଯୋଗୀ ବାବୁ, ବସନ୍ତ ରବି, ରମୟା କ୍ରିଷ୍ଣନ ଏବଂ ବିନାୟକନ।

# ଡିଜିଟାଲ୍ ଦୁନିଆରେ ଆଦିତ୍ୟ


ଆଦିତ୍ୟ

ଆଦିତ୍ୟ ରୟ କପୁର ଖୁବ୍ ଶୀଘ୍ର ଡିଜିଟାଲ ଦୁନିଆରେ ମୁହଁ ଦେଖାଇବେ। ନିର୍ମାଣାଧୀନ ୱେବ୍ ସିରିଜ 'ଦ ନାଇଟ୍ ମ୍ୟାନେଜର'ରେ ସେ ଅଭିନୟ କରିଛନ୍ତି। ଏଥିରେ ତାଙ୍କ ସହ ଅଛନ୍ତି ଅନୀଲ କପୁର। ଏହାପୂର୍ବରୁ ଏହି ଯୋଡିକୁ 'ମଲଙ୍ଗ'ରେ ଦେଖିବାକୁ ମିଳିଥିଲା। ଏଭଳି ସୁଯୋଗ ବିଷୟରେ ଆଦିତ୍ୟ କହନ୍ତି, 'ବର୍ତ୍ତମାନ ୱେବ୍ ସିରିଜର ଚାହିଦା କାହିଁରେ କେତେ। ଯେତେବେଳେ ମୋତେ ଏହି ଅଫର୍‌ଟି ମିଳିଥିଲା, ସେତେବେଳେ ମୁଁ ଗଭୀର ଭାବରେ ଚିନ୍ତା କରିଥିଲି। ଦର୍ଶକଙ୍କ ନିକଟତର ହୋଇ ରହିବାକୁ ଏହା ହେଉଛି ଏକ ଉତ୍ତମ ମାଧ୍ୟମ। ଏହି ୱେବ୍ ସିରିଜ୍‌ର କାହାଣୀରେ ରହସ୍ୟ ରୋମାଞ୍ଚ ରହିଛି। ଜଣେ ଗୁପ୍ତଚର ଉପରେ କାହାଣୀ ଗତି କରୁଛି। ଏହାର ଟ୍ରେଲର ନିକଟରେ ରିଲିଜ ହୋଇଥିଲା ଏବଂ ତାକୁ ଦେଖିବା ପରେ ଅନେକେ ଏହି ସିରିଜର ସଫଳତା କାମନା କରିଛନ୍ତି।' ତେବେ ଡିଜିଟାଲ ଜଗତରେ ଆଦିତ୍ୟ କି କମାଲ କରୁଛନ୍ତି ତାହା ଜାଣିବା ଲାଗି ଅପେକ୍ଷା କରିବାକୁ ହିଁ ପଡିବ।

# ମୋବାଇଲ୍ କିଣିଥିଲି

**ମନସ୍ତତ୍ତ୍ୱବିତ୍ ବିଜୟଲକ୍ଷ୍ମୀ ଦାଶ ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି..**



ବିଜୟଲକ୍ଷ୍ମୀ ଦାଶ

ଉତ୍କଟ ଆର୍ଥିକ ସଙ୍କଟକୁ ଏଡ଼ାଇବାକୁ ଯାଇ ମୁଁ ଏମିତି ଗୋଟିଏ ବୈଷୟିକ ଶିକ୍ଷା ବାଛିବାକୁ ଚାହୁଁଥିଲି, ଯାହା ମତେ ସ୍ୱଳ୍ପ ଖର୍ଚ୍ଚରେ ଶୀଘ୍ର ରୋଜଗାରକ୍ଷମ କରାଇବ। ସେତେବେଳେ ନୂଆ ନୂଆ ଆସିଥାଏ ସମାଜସେବାରେ ସ୍ନାତକୋତ୍ତର ପାଠ୍ୟକ୍ରମ। ଭଉଣୀର ମାର୍ଗଦର୍ଶନରେ ମୁଁ ଆରମ୍ଭ କଲି ପାଠପଢ଼ା। ସ୍ନାନକୋତ୍ତର ଦ୍ୱିତୀୟ ବର୍ଷରେ ଇଣ୍ଟର୍ନଶିପ୍ ପ୍ରୋଗ୍ରାମ ଥାଏ। ସବୁ ପିଲା ନିଜ ନିଜ ବିଭାଗ ବାଛି ନେଇଥାନ୍ତି। ମୁଁ ଭାବୁଥାଏ କ'ଣ କରିବି। ଠିକ୍ ଏହି ସମୟରେ ପ୍ଲାନ୍ ଇଣ୍ଟରନ୍ୟାଶନାଲ୍‌ର ଗୋଟିଏ ପାଇଲଟ୍ ପ୍ରୋଜେକ୍ଟ ପାଇଁ ସିୱାଇଏସଡିର ଗୋଟିଏ କାମ ପାଇଥାନ୍ତି ମୋର ବଡ଼ ଭିଣୋଇ ସ୍ୱର୍ଗତ ବିଭୁପ୍ରସାଦ ମହାନ୍ତି, ତାଙ୍କର କନ୍ସଲଟେସନି ଏଜେନ୍ସି ମାଧ୍ୟମରେ। ସେ ମୋତେ ଏବଂ ମୋ ଭଉଣୀକୁ ଏହି ପ୍ରୋଜେକ୍ଟର ଅଂଶ ହେବାର ସୁଯୋଗ ଦେଲେ। ମୋତେ ପରାମର୍ଶ ଦେଲେ କି ଏଥିରୁ ମୁଁ ଉପାର୍ଜନ ବି କରିପାରିବି ଏବଂ ବିଷୟବସ୍ତୁ ଭାବେ ମୋ ଡିଜରଟେସନ୍ ବି ଦାଖଲ କରିପାରିବି। ୨୦୦୬ ମସିହାର କଥା, ଦରମା ବାର ହଜାର ଟଙ୍କା ଆଉ ତା'ସହ ଖାଇବା, ରହିବା, ଫିଲ୍ଡକୁ ଯିବା ପାଇଁ ଗାଡ଼ି ସବୁ ଫ୍ରି। ସେତେବେଳେ ମୋ ଖୁସି ମୋ ଆତ୍ମବିଶ୍ୱାସକୁ ଦ୍ୱିଗୁଣିତ କରୁଥାଏ। ସେ ସମୟରେ ପଇସା ମୋ ପାଇଁ ଅୟସ ନୁହଁ ଆବଶ୍ୟକତା ଥିଲା ଆଉ ଏହା ମୋ ପାଇଁ ସୁବର୍ଣ୍ଣ ସୁଯୋଗ। ହଁ ସିନା ମାରିଦେଲି କାହିଁ ଢେଙ୍କାନାଳ ଆଉ କାହିଁ ମୟୂରଭଞ୍ଜ। ମନ କୋହମୋହ ହୋଇ ଯାଉଥାଏ। କିନ୍ତୁ ମୟୂରଭଞ୍ଜର ଶାଳ ଜଙ୍ଗଲ, ନିଷ୍ପାପ ସରଳ ସ୍ନେହୀ ଆଦିବାସୀ ଜନଜାତି, କୁଳୁ କୁଳୁ ଝରଣା, ମୟୁରର ଡାକ ଆହୁରି ଅନେକ କିଛି! ପ୍ରକୃତି ମୋତେ ସବୁବେଳେ ବାନ୍ଧିଦିଏ ତ ଅଳ୍ପ ଦିନରେ ଆପଣାଇ ନେଲି ସେ ଜାଗା, ସେ ଲୋକ ଆଉ ସେ କାମକୁ। କାମରେ ନିଷ୍ଠା ଥିଲେ ସହଜ ହୋଇଯାଏ। ଆଉ ଏମିତିରେ ପ୍ରଥମ ମାସଟି କେମିତି ବିତିଗଲା କିଛି ଜଣା ପଡିଲାନିଷ। ଏଥର ଦରମାର ପାଳି, ପ୍ରଥମ ମାସର ପ୍ରଥମ ଦରମା ହାତକୁ ନୁହେଁ ଆକାଉଣ୍ଟକୁ ଆସିଥିଲା। ତଥାପି ମନର ଖୁସି ହାତର ପାପୁଲିରେ ଉଷ୍ମ ରୋମାଞ୍ଚ ଉତ୍ପନ୍ନ କରୁଥିଲା। ସମସ୍ତଙ୍କ ପରି ମା' ପାଇଁ ଶାଢୀ କିଣିବା, ଭଗବାନଙ୍କ ପୂଜାରେ ଖର୍ଚ୍ଚ କରିବା ଇତ୍ୟାଦି ମୋର ବି ସ୍ୱପ୍ନ ଥିଲା। କିନ୍ତୁ ମୁଁ ପ୍ରଥମେ ମୋବାଇଲ୍‌ଟେ କିଣିଲି। କାରଣ ଘର ସହ ଯୋଗାଯୋଗ କରିବାକୁ ବହୁତ ଅସୁବିଧା ହେଉଥିଲା । ୧୨୦୦/୧୫୦୦ର ମୋବାଇଲ୍‌ଟେ ବି ସେତେବେଳେ ଦୁର୍ମୂଲ୍ୟ ଥିଲା। ସତରେ ମୋବାଇଲରେ କାନରେ ବାଜିଥିବା ପ୍ରଥମ ଶବ୍ଦ ସହସ୍ର କୋଷର ଦୂରତାକୁ ରବର ପରି ଲିଭାଇ ଦେଲା ଭଳି ଅନୁଭବଟେ ଆଣି ଦେଇଥିଲା ସେତେବେଳେ।

# ସ୍ୱପ୍ନ ସୁନ୍ଦରୀର ତେରେଛା କଥା, ଭାବନାରେ ଘୁରି ଯାଉଛି ମଥା



**ପ୍ରଶ୍ନ:** ଜଣେ ସୁନ୍ଦରୀ କଥା ଭାବି ଭାବି ମୋ ଦିନ ବିତି ଯାଉଛି। ତାକୁ କ'ଣ ନିଜର କରିପାରିବିନି ? *-ଅମର ଦାସ, କଟକ*

**ଉତ୍ତର:** ଯେଉଁ ସୁନ୍ଦରୀ କଥା ଭାବି ଭାବି ଆପଣଙ୍କ ଦିନ ବିତିଯାଉଛି ତାହାର ଠିକଣା ବୋଧହୁଏ ଜାଣିନାହାନ୍ତି। ସେପଟେ ସେହି ତରୁଣୀର କଥା ଆପଣଙ୍କ ମନକୁ ଆନ୍ଦୋଳିତ କରୁଛି। ପୁଣି ଆପଣଙ୍କ ମନ ଭିତରେ ଉଦବେଳିତ ହେଉଥିବା କଥାଗୁଡିକ ସେହି ମନ ଭିତରେ ଚାପି ହୋଇରହିଛି। 'ସ୍ୱପ୍ନ ସୁନ୍ଦରୀର ତେରେଛା କଥା, ଭାବନାରେ ଘୁରି ଯାଉଛି ମଥା।' ଯଦି କେବେ ଭେଟ ହୋଇଗଲା ତେବେ ବେଳକାଳ ଦେଖି ନିଜ ମନ ଭିତରେ ଆନ୍ଦୋଳିତ ହେଉଥିବା ବହୁ ଦିନର କଥା ତା' ସାମ୍ନାରେ ଉଗାଳି ପକାନ୍ତୁ। ଯଦି ବହି ଫିଟ୍ ହୋଇଗଲା, ତେବେ ଧରିନିଅନ୍ତୁ ଯେ, ଯାହାକୁ ନେଇ ଆପଣ ଟେନ୍‌ସନ୍‌ରେ ତାହା ହୁଏତ ଦୂର ହୋଇଯାଇଛି।

**ପ୍ରଶ୍ନ:** ଜଣେ ସୁନ୍ଦରୀ ମୋତେ କଣେଇ କଣେଇ ଚାହୁଁଛି। ହେଲେ ତାକୁ ଯଦି ମୋ ମନର କଥା କୁହେ, ସେ ତାହାକୁ ଗ୍ରହଣ କରିବ ତ ?

*-ଜିତେନ୍ଦ୍ର ବରାଳ, ଯାଜପୁର*

**ଉତ୍ତର:** ସେହି ସୁନ୍ଦରୀର ଚାହାଣୀରେ ହୁଏତ ପ୍ରେମର ପହିଲି ସଙ୍କେତ ଲୁଚି ରହିଛି। ତେଣୁ ବାଉଳା ନ ହୋଇ ମନକୁ ଥଣ୍ଡା କରି ତାହାକୁ ଭଲ ଭାବରେ ତର୍ଜମା କରନ୍ତୁ। ଯଦି ପ୍ରେମ କରିବାକୁ ଅଣ୍ଟା ଭିଡିଛନ୍ତି ତେବେ ମନରେ କୌଣସି ପ୍ରଶ୍ନବାଚୀ ରଖନ୍ତୁ ନାହିଁ। ଏପରି ବଲ୍ ପକାନ୍ତୁ ଯେମିତି ଆପଣଙ୍କ ପ୍ରେମିକା ଏକାଥରେ କ୍ଲିନ୍ ବୋଲ୍ଡ ହୋଇଯିବ।

**ପ୍ରଶ୍ନ:** ଜଣକ କଥାରେ ପଡି ମୁଁ ଜଣେ ଝିଅକୁ ଭଲ ପାଇଲି। ବେଶ୍ କିଛି ମାସ ଆମର ପ୍ରେମ ଆଗକୁ ଆଗେଇଲା। ହେଲେ ଏବେ ମୋ ପ୍ରେମିକା ମୋଠାରୁ ଦୂରେଇ ଯିବାକୁ ଚାହୁଁଛି। ମୁଁ ଏବେ କ'ଣ କରିବି ?

*-ତପନ, ବାଲେଶ୍ୱର*

**ଉତ୍ତର:** ଯେତେବେଳେ ସାଙ୍ଗ କଥାରେ ପଡି ସେହି ସୁନ୍ଦରୀକୁ ଭଲ ପାଇ ବସିଲେ, ସେତେବେଳେ ସେ ନେଇ ଗଭୀର ଭାବରେ ଚିନ୍ତା କରିବାର ଥିଲା। ପ୍ରେମିକା ଚଏସ୍ କରିବା ସମୟରେ ବୋଧହୁଏ କିଛି ଭୁଲ୍ ଭଟକା ରହିଯାଇଛି। ଆପଣଙ୍କ ପ୍ରେମିକା ଆପଣଙ୍କଠାରୁ ଦୂରେଇ ଯିବାକୁ ଚାହୁଁଛି। ଯଦି ଏକଥା ସତ ହୋଇଥାଏ, ତେବେ ସେଭଳି ପ୍ରେମ ଆଉ ପ୍ରେମିକା ଉପରେ ଭରସା କରିବା ଠିକ୍ ନୁହେଁ। କାରଣ ସେ ହୁଏତ ଅଧା ବାଟରେ ଆପଣଙ୍କ ହାତ ଛାଡି ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ତେଣୁ ପୂର୍ବରୁ ସତର୍କ ରହିବା ନିହାତି ଜରୁରୀ।

**ପ୍ରଶ୍ନ:** ପ୍ରେମର ସ୍ୱାଦ କିପରି କହିବେ କି ସାଥୀ ?

*-ସତ୍ୟଜିତ ରାଉତ, ବ୍ରହ୍ମପୁର*

**ଉତ୍ତର:** ଯିଏ ସଚ୍ଚା ଦିଲ୍‌ରେ ପ୍ରେମ କରିଛି ସେ ହିଁ ପ୍ରେମର ଅସଲ ଚାର୍ମ କ'ଣ ତାହା ଜାଣିପାରିଛି। ଯଦି ପ୍ରେମ କେବଳ ନାମକୁ ମାତ୍ର କରୁଥାଆନ୍ତି ତେବେ ତାହା ସବୁବେଳେ ପାଣିଚିଆ ଲାଗିଥାଏ। ତେଣୁ ନିଜ ପ୍ରେମ ଆଉ ପ୍ରେମିକା ଉପରେ ଶତ ପ୍ରତିଶତ ବିଶ୍ୱାସ ରଖନ୍ତୁ। ପ୍ରେମରେ ଯେମିତି ଅବିଶ୍ୱାସର ଭାଇରସ ଏଣ୍ଟ୍ରି ନ କରେ ସେଥିପ୍ରତି ସତର୍କ ରୁହନ୍ତୁ।

**ପ୍ରଶ୍ନ:** ମୋ ପ୍ରଥମ ପ୍ରେମିକା ମୋତେ ଧୋକା ଦେଇ ଚାଲି ଗଲା। ଯା ଭିତରେ ମୁଁ ୩-୪ ଜଣ ଝିଅଙ୍କୁ ପ୍ରପୋଜ କରିସାରିଲିଣି। ହେଲେ ସେପଟୁ କିଛି ଉତ୍ତର ମିଳୁନାହିଁ। କ'ଣ କରିବି ?

*-ବିକାଶ କୁମାର, ପୁରୀ*

**ଉତ୍ତର:** ଯାହାକୁ ମନ ପ୍ରାଣ ଦେଇ ପ୍ରେମ କରୁଥିଲେ ସେ ତ ପର କରି ଚାଲିଗଲା। ଏବେ ସେ ବିଷୟରେ ଭାବିଲେ କ'ଣ ହେବ ? ପୁରୁଣା ଘା'କୁ ଉଖୁରାଇଲେ କେବଳ ଯନ୍ତ୍ରଣା ହୁଏ ସିନା ମନକୁ ଶାନ୍ତି ମିଳେନା। ପ୍ରଥମ ପ୍ରେମରେ ଅସଫଳ ହେବା ପରେ ଉଲ୍ଲେଖ କରିଛନ୍ତି ଯେ, ଆହୁରି ୩-୪ ଜଣଙ୍କୁ ପ୍ରପୋଜ କରିଥିଲେ। ହେଲେ ସେପଟୁ କିଛି ଉତ୍ତର ମିଳିଲା ନାହିଁ। ହୁଏତ ସେହି ପ୍ରେମ ଧୀରେ ଧୀରେ ମଉଳି ଗଲାଣି। ପ୍ରପୋଜ କରିବା ପୂର୍ବରୁ ପାଣିପାଗ ବିଷୟରେ ଭଲ ଭାବରେ ଚିନ୍ତା କରନ୍ତୁ। ଯଦି ସବୁକିଛି ଠିକ୍ ଅଛି ତେବେ ଆଗେଇଲେ ହୁଏତ ଆପଣଙ୍କ ମିଶନ ସକ୍‌ସେସ୍ ହୋଇପାରେ। ନ ହେଲେ କଥାଟି କେବଳ ଅନ୍ଧାରେ ବାଡି ବୁଲାଇବା ପରି ହେବ।

# ଫ୍ୟାଶନ୍ ଡିଜାଇନର ତରୀନା



**ନା ସେ କରିଛନ୍ତି ଫ୍ୟାଶନ୍ ଡିଜାଇନିଂର କୌଣସି କୋର୍ସ ନା ନେଇଛନ୍ତି କେଉଁଠୁ ତାଲିମ, ତଥାପି ନିଜ ହାତର ଜାଦୁଗରୀ ସ୍ପର୍ଶରେ ଇକତ୍ ଭଳି ପାରମ୍ପରିକ ପୋଷାକକୁ ଦେଉଛନ୍ତି ଲାଟେଷ୍ଟ ଫ୍ୟାଶନ୍‌ର ରୂପ। ଏହି ଫ୍ୟାଶନ୍ ଡିଜାଇନର ହେଲେ ତରୀନା ସେନ୍...**









**ସେ** ନା କରିଛନ୍ତି ଫ୍ୟାଶନ୍ ଡିଜାଇନିଂର କୌଣସି ସ୍ପେଶାଲ କୋର୍ସ ନା ନେଇଛନ୍ତି କେଉଁଠୁ ତାଲିମ, ତଥାପି ତାଙ୍କ ପ୍ରସ୍ତୁତ ଡିଜାଇନର୍ ଗାର୍ମେଣ୍ଟ ଶୋଭାପାଏ ଫ୍ୟାଶନ୍ ଶୋ'ରେ ରାମ୍ପ୍ ୱାକ୍ କରୁଥିବା ମଡେଲ୍‌ଙ୍କ ଦେହରେ। ନିଜ ହାତର ଜାଦୁଗରୀ ସ୍ପର୍ଶରେ ଇକତ୍ ଭଳି ପାରମ୍ପରିକ ପୋଷାକକୁ ବି ଲାଟେଷ୍ଟ ଫ୍ୟାଶନ୍‌ର ରୂପ ଦେଉଥିବା ଏହି ଫ୍ୟାଶନ୍ ଡିଜାଇନର ହେଉଛନ୍ତି ଭୁବନେଶ୍ୱର ବାପୁଜୀ ନଗରରେ ରହୁଥିବା ତରୀନା ସେନ୍।

ଛୋଟ ବେଳୁ ମା'ଙ୍କୁ ଭଳିକି ଭଳି ପୋଷାକ ପ୍ରସ୍ତୁତ କରୁଥିବାର ଦେଖି ଏଥିପ୍ରତି ତାଙ୍କର ଆଗ୍ରହ ସୃଷ୍ଟି ହୋଇଥିଲା। ଦେଖି ଦେଖି ଡ୍ରେସ୍ କଟିଂ, ଷ୍ଟିଚିଂ ଏବଂ ଏମ୍ବ୍ରୋଏଡେରୀ ଆଦି ଶିଖିଥିଲେ। ଆଉ ମାତ୍ର ନବମ ଶ୍ରେଣୀରେ ପଢୁଥିବା ବେଳେ ପ୍ରସ୍ତୁତ କରିଥିଲେ ନିଜର ପ୍ରଥମ ଡିଜାଇନ୍। ଯାହାକୁ ମା'ଙ୍କ ସମେତ ସାଙ୍ଗସାଥି ଏବଂ ଅନ୍ୟମାନେ ଦେଖି ବେଶ୍ ପ୍ରଂଶସା କରିଥିଲେ। ଏହାହିଁ ତାଙ୍କ ମନରେ ଜଣେ ଫ୍ୟାଶନ୍ ଡିଜାଇନର୍ ହେବାର ସ୍ୱପ୍ନ ଭରିଥିଲା। ସେବେଠୁ ସେ ଆଉ ପଛକୁ ଫେରି ନାହାନ୍ତି। ସେ ୧୯୯୩ରେ ପ୍ରଥମ ଥର ପାଇଁ ଓଡିଶାର ଇକତ୍ ପୋଷାକକୁ ନେଇ ବମ୍ବେ ଠାରେ ଏକ ଫ୍ୟାଶନ ଶୋ' ଆୟୋଜନ କରିଥିଲେ ; ଯାହାକୁ ଦର୍ଶକ ବହୁମାତ୍ରାରେ ପସନ୍ଦ କରିଥିଲେ। ଆଉ ଚଳିତ ମାସ ଭୁବନେଶ୍ୱରରେ ଆୟୋଜିତ 'ଫ୍ୟାଶନ୍ ଆଣ୍ଡ ଲାଇଫଷ୍ଟାଇଲ୍ ମେଳା'ରେ ତାଙ୍କ ପ୍ରସ୍ତୁତ ଇକତ୍ ଡ୍ରେସ୍ କଲେକ୍ସନ୍ 'ଚରଖା' ସ୍ଥାନ ପାଇଥିଲା, ଯାହାକୁ ସମସ୍ତେ ବେଶ୍ ପସନ୍ଦ କରିଛନ୍ତି।

ଏଭଳି ଡିଜାଇନର୍ ଆଉଟ୍‌ଫିଟ୍ ସବୁ ପ୍ରସ୍ତୁତ କରିବା ଲାଗି ସେ ଏପର୍ଯ୍ୟନ୍ତ କୌଣସି ସହଯୋଗୀଙ୍କୁ ରଖିନାହାନ୍ତି। ଏକାକୀ ଓଡିଶାର ବ୍ରହ୍ମପୁର, ସମ୍ବଲପୁର, ନୂଆପାଟଣା, ବରଗଡ, ସୋନପୁର ଆଦି ସ୍ଥାନକୁ ଯାଇ ଶାଢୀ ଏବଂ କପଡା ଆଦି ଆବଶ୍ୟକ ସାମଗ୍ରୀ କିଣିଥାନ୍ତି। ଏହାକୁ ଡିଜାଇନ୍ କରି ଗ୍ରାହକଙ୍କ ନିକଟରେ ପହଞ୍ଚାଇଥାନ୍ତି। ସେ ମୁଖ୍ୟତଃ କଟନ, ଚନ୍ଦେରୀ, ଡୁପିଅନ୍, ବ୍ରୋକେଡ୍, ପ୍ରିଣ୍ଟ, ସିଲ୍କ, ଇକତ୍ ଭଳି ବିଭିନ୍ନ ଦେଶୀ ଫ୍ୟାବ୍ରିକ୍‌କୁ ନେଇ ଟ୍ରାଡିଶନାଲରୁ ଇଣ୍ଡୋ- ୱେଷ୍ଟର୍ଣ୍ଣ ଫ୍ୟୁଜନ୍ ମଧ୍ୟ ପ୍ରସ୍ତୁତ କରୁଛନ୍ତି।

ସେ କୁହନ୍ତି, ବର୍ତ୍ତମାନ ଅନେକ ଯୁବପିଢି ଫ୍ୟାଶନ୍ ଡିଜାଇନିଂରେ କ୍ୟାରିୟର ଗଢିବାକୁ ଇଚ୍ଛା ରଖୁଛନ୍ତି। ଯଦି ସେମାନେ ଏହାକୁ କେବଳ ପେସା ଭାବେ ଗ୍ରହଣ କରିବେ ତେବେ ସଫଳତା କଷ୍ଟ ହୋଇପାରେ। ହେଲେ ନିଜସ୍ୱ ଅନୁଭବରୁ କହୁଛି ଯଦି ସେମାନେ ଏହି କାର୍ଯ୍ୟକୁ ଏକ ନିଶା ଭାବେ ଗ୍ରହଣ କରିବେ ଏବଂ ଏହାକୁ ଏଞ୍ଜୟ କରିବେ ତେବେ ନିଶ୍ଚୟ ବହୁତ ଆଗକୁ ବଢିପାରିବେ ବୋଲି ମୋର ବିଶ୍ୱାସ।'

ଭଳିକି ଭଳି ଡିଜାଇନ୍‌ର ଗାଉନ୍, ଶୁଟ୍ ଏବଂ ଅନ୍ୟାନ୍ୟ ଫ୍ୟାଶନେବଲ୍ ଗାର୍ମେଣ୍ଟ ପ୍ରସ୍ତୁତ କରୁଥିବା ତରୀନାଙ୍କର ଫେବରେଟ୍ ହେଉଛି ଶାଢୀ। ତେବେ ଧଳା ରଙ୍ଗ ତାଙ୍କର ବିଶେଷ ପସନ୍ଦ ହୋଇଥିବାରୁ ତାଙ୍କ ୱର୍ଡରୋବ୍‌ରେ ଏହିରଙ୍ଗର ଅନେକ ଲାଟେଷ୍ଟ କଲେକ୍ସନ ରହିଛି। ତେବେ ଜଣେ ଡିଜାଇନର ହେବା ସହ ସେ ଜଣେ ପଶୁ ଏବଂ ବୃକ୍ଷ ପ୍ରେମୀ ମଧ୍ୟ। ଯେଉଁଥିପାଇଁ ତାଙ୍କ ଘରେ ଥିବା ସୁନ୍ଦର ବଗିଚାରେ ଶହ ଶହ ଗଛ ଶୋଭା ପାଉଛି।

ନିଜ ପ୍ରତ୍ୟେକ କାର୍ଯ୍ୟରେ ସ୍ୱାମୀ ସୁରଜିତ୍ ସେନ୍ ଏବଂ ପୁଅ ଶ୍ଳୋକ ସେନ୍‌ଙ୍କ ସହଯୋଗ ରହିଥିବା ସେ ପ୍ରକାଶ କରନ୍ତି।

ତରୀନା ଓଡିଶାର ପାରମ୍ପରିକ ପୋଷାକୁ ଫ୍ୟାଶନ୍ ଟ୍ରେଣ୍ଡରେ ସାମିଲ କରି କେବଳ ଓଡିଶାରେ ନୁହେଁ ଭାରତ ବର୍ଷରେ ଏବଂ ଅନ୍ୟ ଦେଶରେ ମଧ୍ୟ ପ୍ରସାର ପ୍ରଚାର କରିବାକୁ ଇଚ୍ଛା ରଖିଛନ୍ତି।

– ପୌର୍ଣ୍ଣମାସୀ

# ଗଞ୍ଜାମର ଐତିହାସିକ ପାରାଭାଡ଼ି



**ଇ**ତିହାସର ଗନ୍ତାଘର ହେଉଛି ଅବିଭକ୍ତ ଗଞ୍ଜାମ। ଗଞ୍ଜାମ ଜିଲାର ପ୍ରମୁଖ ସହର ହେଉଛି ଗଞ୍ଜାମ। ଐତିହାସିକ ପୋତାଗଡ଼ ଭଳି ଆଜି ମଧ୍ୟ ଏଠାରେ ରହିଛି ଅନେକ ଐତିହାସିକ ସ୍ଥାନ। ସେଥିମଧ୍ୟରୁ ପାରାଭାଡ଼ି ଅନ୍ୟତମ। ସହରର ପୋତାଗଡ଼ଠାରୁ କିଛି ଦୂରରେ ପରିତ୍ୟକ୍ତ ଅବସ୍ଥାରେ ଏହି ପାରାଭାଡ଼ି ଅବସ୍ଥିତ। ଚାରିଶହ ବର୍ଷ ପୂର୍ବେ ପୋଷ୍ଟାଲ, ଟେଲିଫୋନ୍ କିମ୍ବା ଇଣ୍ଟରନେଟର ବ୍ୟବସ୍ଥା ନ ଥିଲା। ସେ କାଳରେ ପାରା ସାହାଯ୍ୟରେ ଚିଠିପତ୍ର ପ୍ରେରଣ କରାଯାଉଥିଲା। ପୂର୍ବ ଭାରତର ପ୍ରମୁଖ ପାରା ସେବା କେନ୍ଦ୍ର ଥିଲା ଗଞ୍ଜାମ ସହର। ପୂର୍ବ ଇତିହାସରୁ ଜଣାପଡିଛି ଯେ, ୧୬୦୪ରେ ଗଞ୍ଜାମ ହାଇଦ୍ରାବାଦ ନିଜାମଙ୍କ ଅଧୀନକୁ ଚାଲିଯିବା ପରେ ସେକାଳରେ ଗୋଲକୁଣ୍ଡା ପ୍ରଶାସନ ପାରା ଡାକ ସେବା ଗଞ୍ଜାମରେ ଆରମ୍ଭ କରିଥିଲେ। ୧୭୭୦ରେ ଗଞ୍ଜାମ ଇଂରେଜ ଅଧୀନକୁ ଗଲା ଏବଂ ଇଂରେଜମାନେ ମଧ୍ୟ ଡାକସେବା ଚାଲୁ ରଖିଥିଲେ। ଗଞ୍ଜାମରୁ ମାଡ୍ରାସ ୧୦୭୫ କି.ମି. ଦୂରକୁ ଖବର ପ୍ରେରଣ ପାଇଁ ପାରାମାନେ ନିଯୁକ୍ତ ଥିଲେ। ବର୍ତ୍ତମାନ ଗଞ୍ଜାମ ସହର ପୋତାଗଡ଼ ନିକଟରେ ଆଜି ମଧ୍ୟ ରହିଛି ଅତୀତର ସେହି ପାରା ଆଶ୍ରୟ ଘର ବା ପାରାଭାଡ଼ି, ଯାହା ୪୦୦ ବର୍ଷର ଇତିହାସ ବହନ କରୁଛି। ଏଠାକାର ପାରାଭାଡ଼ି ୪୦ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ଗମ୍ବୁଜ। ଗମ୍ବୁଜ ଭିତରେ ୧୦୦୦ରୁ ଊର୍ଦ୍ଧ୍ୱ ପାରା ରହଣି ପାଇଁ ଘରା ବା ଖୋପ ଅଛି। ଯା ମଧ୍ୟରେ ରହୁଥିବା ପାରାଗୁଡିକୁ ସ୍ୱତନ୍ତ୍ର ତାଲିମ ଦିଆଯାଇ ବାର୍ତ୍ତା ଆଦାନ ପ୍ରଦାନ କରାଯାଉଥିଲା। ଏହି ପାରାମାନେ ୧୫୦ ଗ୍ରାମ୍ ଓଜନର ଚିଠିପତ୍ର ଧରି ନିର୍ଭୁଲରେ ୭୦୦ କିଲୋମିଟର ଦୂରକୁ ଉଡ଼ିଯାଇ ପାରୁଥିଲେ। ଏପରିକି ୧୯୭୦-୮୦ ମସିହା ପର୍ଯ୍ୟନ୍ତ ଗଞ୍ଜାମ ଜିଲାର ପାରଳାଖେମୁଣ୍ଡି, ଉଦୟଗିରିର ପାରା ଡାକ ସେବା ଛତ୍ରପୁରରେ ଥିଲା। ଏଥିପାଇଁ ଏହି ସେବାକୁ ପୋଲିସ ପାରା ବୋଲି କୁହାଯାଉଥିଲା। ଗଞ୍ଜାମ ସହର ଋଷିକୁଲ୍ୟା ମୁହାଣ ପୋତାଗଡ଼ଠାରେ ଥିବା ପରିତ୍ୟକ୍ତ ଏହି ପାରାଭାଡ଼ି ଗମ୍ବୁଜକୁ ଐତିହାସିକ ସ୍ମାରକୀ କରାଯିବାକୁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଏହାର ପୁନରୁଦ୍ଧାର ଏବଂ ପର୍ଯ୍ୟଟକ ଦେଖିଲା ଭଳି ଅନ୍ୟାନ୍ୟ କିଛି ବ୍ୟବସ୍ଥା କରିଲେ ଭଲ ହୁଅନ୍ତା ବୋଲି ଗଞ୍ଜାମ ଏନ୍‌ଏସି ପୂର୍ବତନ ନଗରପାଳ ନୀଳାଞ୍ଚଳ ବାରିକ କହିଛନ୍ତି।

–ବିଦ୍ୟାଧର ସାହୁ



ଶର୍ମିଷ୍ଠା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: ଓଡ଼ିଶା ଫ୍ୟାଶନ ଭିଲ୍ଲା

# ହାଃ ହାଃ

## ନିଜ ଘର

ମିନି ପଡ଼ୋଶୀ ସିଲାକୁ: ମୋ ଗ୍ରାଇଣ୍ଡରଟା ଖରାପ ହେଇଯାଇଛି। ତମ ଗ୍ରାଇଣ୍ଡର ଟିକେ ଦେବ ମସଲା ଗ୍ରାଇଣ୍ଡିଂ କରିବି।

ସିଲା: ମୋ ଘର କ'ଣ ତମ ଘର ନୁହେଁ? ଏଇଠିକୁ ସବୁ ମସଲା ସାମଗ୍ରୀ ନେଇ ଆସି ଗ୍ରାଇଣ୍ଡ କରିଦିଅ।

ପରଦିନ ସିଲାର ଝାଡୁ ଓଦା ହେଇଯାଇଥାଏ। ସେଥିପାଇଁ ସେ ମିନି ଘରକୁ ଆସି: ମିନି, ତୋ ଝାଡୁଟା ଟିକେ ଦେବୁ। ଝାଡୁ କରିବାର ଥିଲା।

ମିନି: ମୋ ଘର କ'ଣ ତୋ ଘର ନୁହେଁ? ଝାଡୁ ନେବୁ କ'ଣ, ମୋ ଘରେ ହିଁ ଝାଡୁ କରିଦେ।

## ରାସ୍ତା

ଜଣେ ବ୍ୟକ୍ତି ଗୋପୀ ଗାଁକୁ ପ୍ରଥମ ଥର ଆସିଥାନ୍ତି। ବ୍ୟକ୍ତି ଗୋପୀକୁ: ଭାଇ, ଟିକେ କହିବେ କି ଏଇ ରାସ୍ତା କୋଉଆଡ଼େ ଯାଇଛି?

ଗୋପୀ: କି କଥା କହୁଛ ଭାଇ! କୋଉ କାଳୁ ମୁଁ ଦେଖି ଆସୁଛି ଏ ରାସ୍ତା ଏଇଠି ହିଁ ଅଛି। ସେ ଯିବ କୁଆଡ଼େ?

## ପପ୍‌କର୍ନ

ସୋନୁ ମୋନୁକୁ: ପପ୍‌କର୍ନକୁ ଗରମ କଡ଼େଇରେ ରଖିଲେ ସେ ଡିଏଁ କ'ଣ ପାଇଁ?

ମୋନୁ: କି କଥା କହୁଛୁ ତୁ! ଦେଖି, ତୁ ତତଲା କଡ଼େଇରେ ଥରେ ବସ ତ, ଜାଣିପାରିବୁ ପପ୍‌କର୍ନ କାହିଁକି ଡିଏଁ।

# ଚିତ୍ରାଙ୍ଗୁଡ଼ି ପକ୍ଷୀ ଅଭୟାରଣ୍ୟ



**ତାମିଲନାଡୁର ରାମନାଥପୁରମ୍ ଜିଲାରେ ଥିବା ଚିତ୍ରାଙ୍ଗୁଡ଼ି ପକ୍ଷୀ ଅଭୟାରଣ୍ୟ ହେଉଛି ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ସ୍ଥାନୀୟ ଲୋକଙ୍କ ଭାଷାରେ ଏହା ଚିତ୍ରାଙ୍ଗୁଡ଼ି କାନ୍‌ମୋଲି ନାମରେ ପରିଚିତ। ପ୍ରାକୃତିକ ସୌନ୍ଦର୍ଯ୍ୟରେ ପରିପୂର୍ଣ୍ଣ ଏହି ଅଭୟାରଣ୍ୟଟିର ଶାନ୍ତ ପରିବେଶ ପ୍ରକୃତିପ୍ରେମୀଙ୍କ ପାଇଁ ଏକ ଉପଯୁକ୍ତ ସ୍ଥାନ...**





## କ'ଣ ଦେଖିବେ

ସୂଚନାନୁଯାୟୀ, ୧୯୮୯ ମସିହାରେ ପ୍ରାୟ .୪୭୬୩ ବର୍ଗ କି.ମି. ପରିସୀମାବ୍ୟାପ୍ତ ଅଞ୍ଚଳକୁ ନେଇ ଏଠାରେ ଏହି ଅଭୟାରଣ୍ୟଟି ପ୍ରଥମେ ଗଢି ଉଠିଥିଲା। ସମୟକ୍ରମେ ଏହି ଅଭୟାରଣ୍ୟଟିକୁ ଲୋକପ୍ରିୟ କରିବା ପାଇଁ ଅନେକ ଉନ୍ନତି ମୂଳକ କାର୍ଯ୍ୟ କରାଗଲା। ଯଦ୍ୱାରା ଧୀରେ ଧୀରେ ଏଠାରେ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଲା। ବିଶେଷକରି ଏଠାରେ ଦେଖିବାକୁ ମିଳୁଥିବା ବବୁଲ୍ ନାମକ ଏକ ଗଛର ସୌନ୍ଦର୍ଯ୍ୟରେ ଆକର୍ଷିତ ହୋଇ ଅନେକ ଭ୍ରମଣକାରୀ ପକ୍ଷୀ ଏଠାକୁ ଆସିବାକୁ ଲାଗିଲେ। କୁହାଯାଏ, ଏହି ଅଭୟାରଣ୍ୟରେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ପ୍ରଜାତିର ପକ୍ଷୀ ଦେଖିବାକୁ ମିଳିଥାନ୍ତି। ତନ୍ମଧ୍ୟରୁ ଅଧିକାଂଶ ହେଉଛନ୍ତି ଭ୍ରମଣକାରୀ। ଏଠାରେ ଦେଖିବାକୁ ମିଳୁଥିବା କେତୋଟି ପ୍ରମୁଖ ପକ୍ଷୀ ହେଲେ ସ୍ପଟ୍-ବିଲ୍ଡ ପେଲିକାନ୍, ଏସିଆନ୍ ଓପେନ୍‌ବିଲ୍ ଷ୍ଟର୍କ, ଗ୍ରେ ହେରନ୍, ପର୍ପଲ୍ ହେରନ୍, ପଣ୍ଡ୍ ହେରନ୍, ଲିଟିଲ୍ ଇଗ୍ରେଟ୍, ଗ୍ରେଟ୍ ଇଗ୍ରେଟ୍ ଇତ୍ୟାଦି । ତା'ଛଡ଼ା ନିକଟରେ ଚିତ୍ରାଙ୍ଗୁଡ଼ି ନାମକ ଏକ ଗାଁ ରହିଥିବାରୁ ସେଠାରେ ଥିବା ଶସ୍ୟକ୍ଷେତରୁ ପକ୍ଷୀମାନଙ୍କୁ ଖାଦ୍ୟ ଆରାମରେ ମିଳିଯାଇଥାଏ। ତେଣୁ ବହୁ ସଂଖ୍ୟାରେ ପକ୍ଷୀ ଏଠାକୁ ଆସିବାର ଏହା ମଧ୍ୟ ଅନ୍ୟ ଏକ କାରଣ ହୋଇପାରେ। ସେଥିପାଇଁ କେବଳ ପ୍ରକୃତିପ୍ରେମୀ ନୁହନ୍ତି, ପକ୍ଷୀପ୍ରେମୀଙ୍କ ପାଇଁ ମଧ୍ୟ ଏହା ଏକ ସ୍ୱର୍ଗୀୟ ସ୍ଥାନ। ତେବେ ଏଠାରେ କେବଳ ପକ୍ଷୀ ନୁହନ୍ତି, ଅନେକ ବିରଳ ପ୍ରଜାତିର ପଶୁ ତଥା ସରିସୃପ ବି ଦେଖାଯାଇଥାନ୍ତି।

## କେବେ ଯିବେ

ଏହି ଅଭୟାରଣ୍ୟକୁ ବର୍ଷର ଯେ କୌଣସି ସମୟରେ ଯିବାର ସୁବିଧା ଥିଲେ ହେଁ, ସ୍ଥାନୀୟ ପାଣିପାଗ ସୂଚନା କେନ୍ଦ୍ରର ମତାନୁଯାୟୀ, ନଭେମ୍ବରରୁ ମାର୍ଚ୍ଚ ହେଉଛି ଏଠାକୁ ଯିବା ପାଇଁ ସବୁଠୁ ଉପଯୁକ୍ତ ସମୟ। ପର୍ଯ୍ୟଟକଙ୍କ ଦେଖିବା ନିମନ୍ତେ ଉକ୍ତ ଅଭୟାରଣ୍ୟଟି ସକାଳ ୯ଟାରୁ ସନ୍ଧ୍ୟା ୫ଟା ଯାଏଁ ଖୋଲା ରହିଥାଏ। ସେହିପରି ବିଶ୍ରାମ ନେବା ପାଇଁ ଏଠାରେ ରେଷ୍ଟ ହାଉସ୍‌ର ମଧ୍ୟ ବ୍ୟବସ୍ଥା ରହିଛି।



## କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ବେଶ୍ ସୁବିଧା ରହିଛି। ମଦୁରାଇ ଏହାର ନିକଟତମ ବିମାନବନ୍ଦର ହୋଇଥିବାବେଳେ ପାରାମାକୁଡ଼ି ହେଉଛି ଏହାର ନିକଟତମ ରେଳଷ୍ଟେଶନ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ତାମିଲନାଡୁର ରାମନାଥପୁରମ୍ ଜିଲାକୁ ଟୁରିଷ୍ଟ ବସ୍ ବି ଯା'ଆସ କରିଥାଏ। ପର୍ଯ୍ୟଟକ ଚାହିଁଲେ ଟୁରିଷ୍ଟ ବସ୍‌ରେ ପ୍ରଥମେ ରାମନାଥପୁରମ୍‌ରେ ପହଁଞ୍ଚି ସେଠାରୁ ଟାଉନ୍ ବସ୍ ହେଉ ଅବା ଟ୍ୟାକ୍ସି ଦ୍ୱାରା ଉକ୍ତ ଅଭୟାରଣ୍ୟ ନିକଟରେ ପହଞ୍ଚିପାରିବେ।

## ଜାଣିବା କଥା

ଏହି ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବା ପୂର୍ବରୁ ପର୍ଯ୍ୟଟକଙ୍କୁ ଏଣ୍ଟ୍ରି ଟିକେଟ୍ କାଟିବାକୁ ହୋଇଥାଏ। କ୍ୟାମେରା ପ୍ରବେଶ ପାଇଁ ମଧ୍ୟ ଅଲଗା ଶୁଳ୍କ ଦେବାକୁ ପଡିଥାଏ।








# ସିଟ୍ ବେଲ୍ଟ







**କା**ର୍‌ରେ ଗଲାବେଳେ ସୁରକ୍ଷା ଦୃଷ୍ଟିରୁ ସିଟ୍ ବେଲ୍ଟ ବାନ୍ଧିବା ଜରୁରୀ । ତେବେ ଆପଣ ସାମ୍ନା ସିଟ୍‌ରେ ବସି ଥାଆନ୍ତୁ ଅବା ପଛ ସିଟ୍‌ରେ । ହେଲେ ଜାଣନ୍ତିକି କାର୍‌ରେ ଏଇ ସିଟ୍ ବେଲ୍ଟର ବ୍ୟବହାର କେବେଠୁ ହେଉଛି ? ଆଉ ୟାକୁ ନେଇ କ'ଣ ରହିଛି ନିୟମ ।

ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ଇଂଲିଶ ଇଞ୍ଜିନିୟର ଜର୍ଜ କେଲେ, ସିଟ୍ ବେଲ୍ଟର ଉଦ୍ଭାବନ କରିଥିଲେ । ଗାଡ଼ି ଚାଳକଙ୍କୁ ତାଙ୍କ ଗ୍ଲାଇଡର୍ସ ଭିତରେ ରଖିବା ଥିଲା ଏହା ପଛର ମୁଖ୍ୟ ଉଦ୍ଦେଶ୍ୟ । ୧୮୮୫ ମସିହା ଫେବୃୟାରୀ ୧୦ରେ ସିଟ୍ ବେଲ୍ଟ ପେଟେଣ୍ଟ ହୋଇଥିଲା । ନ୍ୟୁୟର୍କ ସିଟିରେ ଟ୍ୟାକ୍ସିରେ ଯାତ୍ରା କରୁଥିବା ଯାତ୍ରୀଙ୍କୁ ସୁରକ୍ଷା ପ୍ରଦାନ କରିବା ଥିଲା ଏହାର ଉଦ୍ଦେଶ୍ୟ । ତେବେ 'ନାଶ' ନାମକ ଆମେରିକୀୟ କାର୍ ନିର୍ମାଣକାରୀ କମ୍ପାନୀ ପ୍ରଥମେ ନିଜ କାର୍‌ରେ ସିଟ୍ ବେଲ୍ଟ ବ୍ୟବସ୍ଥା କରିଥିଲେ । ହେଲେ ଗ୍ରାହକ ଏହାକୁ ପସନ୍ଦ କରି ନ ଥିଲେ । କାର୍‌ରୁ ସିଟ୍ ବେଲ୍ଟ ବାହାର କରିବାକୁ ଦାବି ମଧ୍ୟ କରିଥିଲେ । ପରେ ଫର୍ଡ କମ୍ପାନୀ ୧୯୫୫ରେ ସିଟ୍ ବେଲ୍ଟ ଅପ୍ସନ ଥିବା କାର୍ ନିର୍ମାଣ କରିଥିଲେ । ସେତେବେଳେ ବି ମାତ୍ର ୨% ଗ୍ରାହକ ସିଟ୍‌ବେଲ୍ଟ ଥିବା ଗାଡ଼ି କିଣିଥିଲେ । ୧୯୫୫ରେ ମଡର୍ନ ଥ୍ରୀ ପଏଣ୍ଟ ସିଟ୍ ବେଲ୍ଟ ପାଟେଣ୍ଟ ହୋଇଥିଲା । ଏହା ପୂର୍ବରୁ ସିଟ୍ ବେଲ୍ଟ ଟୁ ପଏଣ୍ଟ ଥିଲା । ପ୍ରଥମ ବାଧ୍ୟତାମୂଳକ ସିଟ୍‌ବେଲ୍ଟ ଆଇନ ୧୯୭୦ରେ ଭିକ୍ଟୋରିଆ, ଅଷ୍ଟ୍ରେଲିଆରେ ଲାଗୁ ହୋଇଥିଲା । ଭାରତର ସେଣ୍ଟ୍ରାଲ ମୋଟର ଭେହିକଲ୍ ନିୟମାବଳୀର ୧୯୮୯ ରୁଲ୍ ୧୩୮(୩) ରେ ସିଟ୍ ବେଲ୍ଟ ପିନ୍ଧିବା ବାଧ୍ୟତାମୂଳକ କରାଯାଇଛି । ଯଦି ଡ୍ରାଇଭର କିମ୍ବା ପାସେଞ୍ଜର ଏହାକୁ ନ ମାନନ୍ତି ତେବେ ତାଙ୍କ ଉପରେ ମୋଟର ଭେହିକଲ ଆକ୍ଟ ଅନୁଯାୟୀ ଆର୍ଥିକ ଦଣ୍ଡବିଧାନ କରାଯିବା ନିୟମ ରହିଛି ।



# ସ୍ମାର୍ଟ ଚପ୍‌ଷ୍ଟିକ୍

**ଆ**ଜିକାଲି ଲୋ ସୋଡିୟମ୍ ତଥା କମ୍ ଲୁଣଯୁକ୍ତ ଖାଦ୍ୟ ଖାଇବାକୁ ଡାକ୍ତର ପରାମର୍ଶ ଦେଉଛନ୍ତି । କାରଣ ଏହା ସ୍ୱାସ୍ଥ୍ୟପକ୍ଷେ ହିତକର । ହେଲେ କମ୍ ଲୁଣଯୁକ୍ତ ଖାଦ୍ୟ ଖାଇବାବେଳେ ଖାଦ୍ୟ ସ୍ୱାଦହୀନ ଲାଗେ । ତେଣୁ ସେହି ଖାଦ୍ୟ ଖାଇବାକୁ ଇଚ୍ଛା ହୁଏ ନାହିଁ । ତେବେ ଏହି ସମସ୍ୟା ଦୂରକରିବା ଲାଗି ଜାପାନର କିରିନ ହୋଲ୍ଡିଂସ୍ ଓ ଟୋକିଓସ୍ଥ ମେଇଜି ବିଶ୍ୱବିଦ୍ୟାଳୟର ପ୍ରଫେସର ହୋମେଇ ମିଆଶିତା ଉଭୟେ ମିଶି ତିଆରି କରିଛନ୍ତି ଏଭଳି ଏକ ଚପ୍‌ଷ୍ଟିକ, ଯାହା କମ୍ ଲୁଣଯୁକ୍ତ ଖାଦ୍ୟକୁ ବି ଲୁଣଯୁକ୍ତ ଓ ସ୍ୱାଦିଷ୍ଟ ଅନୁଭବ କରାଇବ । ଏହାକୁ ବ୍ୟବହାର କରିବା ଲାଗି ବିଦ୍ୟୁତ୍‌ର ଆବଶ୍ୟକତା ପଡ଼େ । ତା'ସହ ହାତରେ ମିନି କମ୍ପ୍ୟୁଟର ଥିବା ଏକ ରିଷ୍ଟବ୍ୟାଣ୍ଡ ବି ପିନ୍ଧିବାକୁ ହୁଏ । ଏହା ଖାଦ୍ୟର ସୋଡିୟମ କ୍ଲୋରାଇଡ୍ ଓ ସୋଡିୟମ ଗ୍ଲୁଟାମେଟ୍ ଆଇଓନକୁ ପ୍ରତିକ୍ରିୟା ଘଟାଇ ଖାଦ୍ୟର ସ୍ୱାଦରେ ପରିବର୍ତ୍ତନ ଆଣିଥାଏ । ତେଣୁ ଏହାକୁ ପୃଥିବୀର ପ୍ରଥମ ସ୍ମାର୍ଟ ଚପ୍‌ଷ୍ଟିକ୍ ବୋଲି କୁହାଯାଉଛି ।



## ଚିନ୍ମୟ ଚିନ୍ତନ

ଶ୍ରୀ ସନ୍ନ୍ୟାସୀ ଜୀ

# ମୋର ଆଠ ଲାଭ, ତୁମର ଦୁଇ କ୍ଷତି !

ବନବାସ କାଳରେ ପ୍ରଭୁ ରାମ ଅଯୋଧ୍ୟାରୁ ପ୍ରସ୍ଥାନ କରି ପହଞ୍ଚିଲେ ଶୃଙ୍ଗବେରପୁରରେ । ସେଠାରେ ଗୁହକଙ୍କ ଆତିଥ୍ୟ ସ୍ୱୀକାର କରି ପରଦିନ ଗଙ୍ଗା ପାର ହେବା ନିମନ୍ତେ ବାହାରିଲେ ।

ଘାଟ ଗୋଟିଏକୁ ଡଙ୍ଗା ବି ଗୋଟିଏ । ତଳେ ଗଙ୍ଗା, ତା' ଉପରେ ଡଙ୍ଗା, ତା' ଉପରେ ମଣିଷଟିଏ ବସିଛି । ତା' ମନ ବି ଭଙ୍ଗା । ସେ ମଣିଷଟି କିଏ ? ତା' ମନଟି କାହିଁକି ଭଙ୍ଗା ? ? ପାଠକେ ! ସେ ମଣିଷଟି ଜଣେ ଯାହିତାହି ମଣିଷ ନୁହେଁ । ଜ୍ଞାନୀ ବି ନୁହେଁ । ସେ ହେଉଛି ଜଣେ ବିଜ୍ଞାନୀ ମଣିଷ । ଜାତିରେ କୈବର୍ତ୍ତ । ଡଙ୍ଗା ବାହିବା ହିଁ ତା'ର ବୃତ୍ତି । ଧୀବର । ତା'ର ହାବୁଡ଼ରେ ଆଜି ପଡିଛନ୍ତି ପ୍ରଭୁ ରାମ, ଲକ୍ଷ୍ମଣ ଆଉ ମା' ସୀତା । ଗଙ୍ଗା ନଦୀ ଆରପଟକୁ ଯିବେ । ପାରି କରାଇବା ପାଇଁ ଏକମାତ୍ର ସାହାରା ହେଉଛି ସେଇ ଧୀବର ।

ପ୍ରଭୁ ତାକୁ ମିନତି କରି କହିଲେ – ହେ ଧୀବର ! ଡଙ୍ଗାଟିକୁ ଆଣ । ଆମକୁ ପାରି କରି ନିଅ । ଧୀବର କହିଲା, ପାରି କରାଇବି ଯେ ପ୍ରଥମେ ଆପଣଙ୍କ ପାଦ ଧୌତ କରିବା ପାଇଁ ମୋତେ କୁହନ୍ତୁ । ପ୍ରଭୁ ଚୁପ ରହିଲେ ।

ଧୀବର କହିଲା – ମୁଁ ଆପଣଙ୍କ ଠୁ ମାହାସୁଲ ଆଦୌ ନେବିନି । ମାଗଣାରେ ପାର କରାଇ ଦେବି । ଯଦି ମୋ କଥାରେ ବିଶ୍ୱାସ ହେଉନି ତେବେ ତୁମ ପିତା ଦଶରଥଙ୍କ ରାଣ ପକାଇ କହୁଛି ମୁଁ ଟଙ୍କାଟିଏ ବି ନେବିନି ।

ସାମାନ୍ୟ ଜଣେ ଧୀବର ନିଜ ପିତା ଦଶରଥଙ୍କ ନାଁରେ ରାଣ ପକାଇବା ଶୁଣି ପାଖରେ ଠିଆ ହୋଇଥିବା ଲକ୍ଷ୍ମଣ ଚିଡ଼୍ଙ୍କି ଉଠିଲେ । ଧନୁରେ ଶର ଯୋଖି ଧୀବରକୁ ମାରିବା ପାଇଁ ଉଦ୍ୟତ ହେଲେ ସେ ।

ଲକ୍ଷ୍ମଣଙ୍କ କ୍ରୋଧ ରୂପ ଦେଖି ଆଉ କିଏ ହୋଇଥିଲେ ଡରିଯାଇଥାନ୍ତା କିନ୍ତୁ ବିଜ୍ଞାନୀ ଧୀବର ହସି ହସି ଉତ୍ତର ଦେଲା – କାଇଁ ଆପଣ ରାଗୁଚନ୍ତି ? ମୋତେ ମାରିଲେ ଆପଣଙ୍କ କ୍ଷତି ହେବ ଦୁଇ । ମୋର କିନ୍ତୁ ଲାଭ ହେବ ଆଠ ।

ଲକ୍ଷ୍ମଣ ଅଳ୍ପ ଟିକେ ଶାନ୍ତ ପଡ଼ି କହିଲେ – ମୋର କ'ଣ କ୍ଷତି ହେବ କହିଲୁ ଦେଖି ?

ଆପଣଙ୍କ ପ୍ରଥମ କ୍ଷତି ହେବ ଏଇଯା ଯେ ଆଜି ରାତି ପାହିଲେ କାଲି ସବୁ ଆଡ଼େ ଚର୍ଚ୍ଚା ହେବ ଯେ ''ସାମାନ୍ୟ ପାଦ ଧୋଇବାକୁ କେନ୍ଦ୍ର କରି ଲକ୍ଷ୍ମଣଙ୍କ ତୀର ମାଡ଼ରେ ଧୀବର ନିହତ'' । ଆପଣଙ୍କ ନାଁ ଗାଁ ପଡ଼ିବ । ଆଉ ଦ୍ୱିତୀୟ କ୍ଷତିଟା ବି ଶୁଣି ନିଅ । ଆମ ବନ୍ଧୁବର୍ଗରେ ଯେତେବେଳେ ଜାଣିବେ ଯେ, ବିନା ଦୋଷରେ ମୋତେ ତୁମେ ମାରିଛ ବୋଲି ସେତେବେଳେ ସେମାନେ ସମସ୍ତେ ଏଠାକୁ ଆସିବେ । ଆପଣ ତିନିଜଣଙ୍କୁ କେହି ବି ନଦୀ ପାର କରାଇବେନି ବୋଲି ଘୋଷଣା କରିବେ । ଆପଣମାନେ ନଦୀର ଏଇ ପଟେ ରହିଯିବେ । ଫଳରେ ବନବାସ ଶପଥ ଆଉ ପୂରଣ ହୋଇପାରିବ ନାହିଁ ।

ତେବେ ତୁମର ଆଠ ଲାଭ କେମିତି ହେବ ଧୀବର ? – କ୍ରୁଦ୍ଧ ଲକ୍ଷ୍ମଣ ପଚାରିଲେ ।

**ଲକ୍ଷ୍ମଣଙ୍କ କ୍ରୋଧ ରୂପ ଦେଖି ଆଉ କିଏ ହୋଇଥିଲେ ଡରିଯାଇଥାନ୍ତା କିନ୍ତୁ ବିଜ୍ଞାନୀ ଧୀବର ହସି ହସି ଉତ୍ତର ଦେଲା – କାଇଁ ଆପଣ ରାଗୁଚନ୍ତି? ମୋତେ ମାରିଲେ ଆପଣଙ୍କ କ୍ଷତି ହେବ ଦୁଇ । ମୋର କିନ୍ତୁ ଲାଭ ହେବ ଆଠ ।**



ଟିକେ ରହି ଧୀବର କହିଲା, ମୋର ପ୍ରଥମ ଲାଭ ହେଉଛି ଯେ ମୁଁ ଆପଣଙ୍କ ହାତରେ ମରିବି । ଆପଣ ଶେଷ ନାଗଙ୍କ ଅବତାର । ଏ ଶରୀର କେତେବେଳେ କୋଉ ରୋଗ ବ୍ୟାଧିରେ ମରିଥାନ୍ତା ଜଣା ନାହିଁ । ଆପଣଙ୍କ ହାତରେ ମରିବା ମୋର ଅହୋ ଭାଗ୍ୟ ଅଟେ ।

ଦ୍ୱିତୀୟ ଲାଭ – ମୋର ମୃତ୍ୟୁ ଗଙ୍ଗାନଦୀ ପରି ଏକ ପବିତ୍ର ତୀର୍ଥ ସ୍ଥାନରେ ହେବ । ମୃତ୍ୟୁ କେତେବେଳେ ଘରେ, ରାସ୍ତା ଉପରେ, ଡାକ୍ତରଖାନା କିମ୍ବା ହୋଟେଲରେ ଆସି ପାରେ କିନ୍ତୁ ମୋ ମୃତ୍ୟୁ ଗଙ୍ଗା ନଦୀ ପରି ଏକ ପବିତ୍ର ସ୍ଥାନରେ ହେବ, ଏହା କ'ଣ କମ୍ ସୌଭାଗ୍ୟର କଥା !!

ଆଶ୍ଚର୍ଯ୍ୟ ହୋଇ ଚାହିଁଥାନ୍ତି ଲକ୍ଷ୍ମଣ । ହାତରେ ଧନୁଶର ସେମିତି ଥାଏ । ଏଣେ ଧୀବର ବି କୋଉ ଛାଡ଼ିବାର ଲୋକ । ସେମିତି ସେ କହି ଚାଲିଥାନ୍ତି । ମୋର ତୃତୀୟ ଲାଭ ହେଉଛି ଯେ ମୁଁ ମଲା ବେଳେ ସୀତା ରାମଙ୍କୁ ଦର୍ଶନ କରି ମରିବି । ଏମିତି ଭାଗ୍ୟ କେତେ ଲୋକଙ୍କ ଭାଗ୍ୟରେ ଜୁଟେ ? ମଲା ବେଳେ ମଲା ଲୋକର ମୁହଁରେ ପରିବାର ଲୋକେ ଗଙ୍ଗାପାଣି ଦିଅନ୍ତି । ମୋତେ ତୁମେ ଶରବିଦ୍ଧ କରିବ ତ ମୋ ଶରୀର ଯାଇ ପଡ଼ିବ ଗଙ୍ଗାରେ । ଗଙ୍ଗାପାଣି ଆପେ ଆପେ ମୋ ପାଟିରେ ପଶିବ । ଏଥର କୁହ, ଏହା ମୋର ଚତୁର୍ଥ ଲାଭ ନା ନାହିଁ ?

ଲକ୍ଷ୍ମଣ ଚୁପ ଥାଆନ୍ତି । ଧୀବର କହିଲା, ମୋର ପଞ୍ଚମ ଲାଭ ଶୁଣ । ମଲା ପରେ ମାଲ ଭାଇମାନେ ଶବକୁ କାନ୍ଧେଇ ମଶାଣି ପର୍ଯ୍ୟନ୍ତ ନିଅନ୍ତି । ହେ ଲକ୍ଷ୍ମଣ ! ମୋତେ ମାରିଲେ ତୁମେ ହିଁ ମୋର ମାଲଭାଇ ହେବ । ତୁମେ ତ ପୃଥିବୀକୁ କାନ୍ଧେଇଛ । ଏବେ ମୋତେ କାନ୍ଧେଇ ମଶାଣିକୁ ନେବ । ମୋର ଷଷ୍ଠ ଲାଭ ହେଉଛି ଯେ ପ୍ରଭୁ ରାମ ମୋତେ ନିଶ୍ଚେ ମୁଖାଗ୍ନି ଦେବେ । ସପ୍ତମ ଲାଭ ହେବ ଯେ ଜଗତ୍‌ଜନନୀ ମା' ସୀତା ମୋ ଦଶହାଣ୍ଡି ଭାତ ରାନ୍ଧିବେ । ଏ ସୌଭାଗ୍ୟ କାହାକୁ ମିଳେ କହିଲେ ?

ତେବେ ତୋର ଅଷ୍ଟମ ଲାଭ କ'ଣ କହ ? –ଲକ୍ଷ୍ମଣ ପଚାରିଲେ । ଏହାର ଉତ୍ତରରେ ଧୀବର ଯାହା କହିଲେ ସେଥିରେ ଲକ୍ଷ୍ମଣଙ୍କର ପାଦ ତଳରୁ ମାଟି ଖସିଗଲା ଭଳିଆ ଲାଗିଲା । ଧୀବର କହିଲା ହେ ଲକ୍ଷ୍ମଣ ! ମୁଁ ମରିଗଲା ପରେ ମୋ ଘର ପରିବାରକୁ ଚଳେଇବ କିଏ ? ମୋ ଭାଇ ବନ୍ଧୁ ଜ୍ଞାତି କୁଟୁମ୍ବ ସଭିଏ ଆସି ରାମଙ୍କ ପାଦତଳେ ପଡ଼ି କାନ୍ଦିବେ । ପ୍ରଭୁ ହେଉଛନ୍ତି ମର୍ଯ୍ୟାଦାବନ୍ତ ପୁରୁଷ । ସେ ନିଶ୍ଚେ ଆପଣଙ୍କୁ ନିର୍ଦ୍ଦେଶ ଦେବେ ଯେ ଲକ୍ଷ୍ମଣ, ତୁମେ ଏବେ ନୌକା ବାହି ଧୀବରର ପରିବାରକୁ ପରିପାଳନ କର । ଭାଇଙ୍କ ଏ ନିର୍ଦ୍ଦେଶକୁ ତୁମେ ନିଶ୍ଚିତ ପାଳନ କରିବ ।

ଧୀବରକୁ ମାରିବା ପାଇଁ ଉଦ୍ୟତ ହେଉଥିବା ଲକ୍ଷ୍ମଣଙ୍କ ହାତରୁ ଏବେ ଧନୁଶର ଖସି ପଡ଼ିଲା ।

*–ଦିବ୍ୟାଲୋକ ସଂଧାନେ, ରାମନଗର, ତେଲେଙ୍ଗାପେଣ୍ଠ, କଟକ*
*ମୋ: ୯୪୩୭୨୯୨୬୯୯*

## ପୁସ୍ତକ ସମୀକ୍ଷା


### ରଫ୍‌ଖାତାରେ ସାହିତ୍ୟ

**(ସମୀକ୍ଷା ଓ ସମାଲୋଚନା)**

**ଡକ୍ଟର ପ୍ରସନ୍ନ କୁମାର ନାୟକ**

**ଲିପିକା, ନିଜିଗଡ, କୁରୁଖି, ଜଟଣୀ, ପୁରୀ, ମୂଲ୍ୟ–୧୫୦ଟଙ୍କା**

ରଫ୍‌ଖାତାରେ ସାହିତ୍ୟ ସମୀକ୍ଷା ଓ ସମାଲୋଚନା ପୁସ୍ତକରେ ୧୧ଟି ବିଷୟରେ ବିଷଦ ଭାବେ ଆଲୋଚନା କରାଯାଇଛି। ପ୍ରଥମେ ଓଡ଼ିଆ ଲୋକ ସାହିତ୍ୟର ପରମ୍ପରା ସମ୍ପର୍କରେ ବର୍ଣ୍ଣନା କରାଯାଇଥିବା ବେଳେ ଶେଷରେ ଓଡ଼ିଆ ଭାଷାରେ ପ୍ରକାଶିତ କେତେକ ଜୀବନୀ ରଚିତ ଉପରେ ଆଲୋଚନା ରହିଛି। ଯେଉଁ ଲୋକ ସାହିତ୍ୟ ଉପରେ ସେ ଆଲୋଚନା କରିଛନ୍ତି, ତାହା ହେଉଛି ୧–ଲୋକଗୀତ, ୨–ଲୋକକାହାଣୀ, ୩–ଲୋକନାଟକ ଓ ୪–ଲୋକକଳା। ସେହିପରି ଆତ୍ମଜୀବନୀ ଓ ଜୀବନୀ ସାହିତ୍ୟ ଉପରେ ମଧ୍ୟ ଏଥିରେ ଅତି ଉଚ୍ଚକୋଟିର ଆଲୋଚନା ଓ ସମୀକ୍ଷା ରହିଛି। ଯାହା ଗବେଷକ ଓ ଛାତ୍ରୀଛାତ୍ରଙ୍କ ଲାଗି ଉପାଦେୟ ହେବ ।




### ଜଗନ୍ନାଥାୟନ


**କବୟିତ୍ରୀ ପଦ୍ମାବତୀ ମିଶ୍ର**

**ପ୍ରକାଶକ– ଶ୍ରୀଯୁକ୍ତ ପ୍ରଭାତ ମିଶ୍ର**

**ଗୋବିନ୍ଦପୁର, କନକପୁର, ଜଗତ୍‌ସିଂହପୁର**

**ମୂଲ୍ୟ–୧୭୫ଟଙ୍କା**

ଜଗନ୍ନାଥାୟନ ହେଉଛି କବୟିତ୍ରୀ ପଦ୍ମାବତୀ ମିଶ୍ରଙ୍କ ପୁସ୍ତକ । ଶ୍ରୀଜଗନ୍ନାଙ୍କ ଲୀଳା ମାଧୁରୀକୁ ଭକ୍ତିର ଅନନ୍ୟ ରସ ମାଧ୍ୟମରେ ମୂର୍ତ୍ତିମନ୍ତ ରୂପ ଦେବା ପାଇଁ ସେ ଲେଖାରେ ପ୍ରୟାସ କରିଛନ୍ତି । ତା'ସହ ଶ୍ରୀ ଜଗନ୍ନାଥଙ୍କ ଅପାର ଗୁଣାବଳୀକୁ ବର୍ଣ୍ଣନା କରିଛନ୍ତି। ପ୍ରଥମେ ଶରଣଭିକ୍ଷା କରିଥିବା ବେଳେ ଦ୍ୱିତୀୟରେ ଗଣେଶ ବନ୍ଦନା ଏବଂ ଜଗନ୍ନାଥ ଓ ମହାଦେବଙ୍କ ସ୍ତୁତି କରାଯାଇଛି। ଏହିପରି ଊନବିଂଶ ଛାନ୍ଦ ପର୍ଯ୍ୟନ୍ତ ବିଭିନ୍ନ ବର୍ଣ୍ଣନା କରାଯାଇଛି। ଏହା ଏକ ଅଭିନବ ଗୀତିକାବ୍ୟ ।




### ତାବିଜ୍‌ବାଲା ଓ ଅନ୍ୟାନ୍ୟ ଗଳ୍ପ

**ଡକ୍ଟର ପ୍ରଭାତ ରଞ୍ଜନ ବେଉରିଆ**

**ବିଦ୍ୟାପୁରୀ, ବାଲୁବଜାର, କଟକ, ମୂଲ୍ୟ–୧୫୦ଟଙ୍କା**

ତାବିଜ୍‌ବାଲା ଓ ଅନ୍ୟାନ୍ୟ ଗଳ୍ପ ଡକ୍ଟର ପ୍ରଭାତ ରଞ୍ଜନ ବେଉରିଆଙ୍କ ଗଳ୍ପ ପୁସ୍ତକ। ଏଥିରେ ୬ଟି ଗପ ସ୍ଥାନିତ ହୋଇଛି। ପ୍ରଥମ ଗପ ତାବିଜ୍‌ବଲା ନାମ ଅନୁସାରେ ବହିର ନାମକରଣ କରାଯାଇଛି। ଏଥିରେ ବସନ୍ତୀ ଚରିତ୍ରକୁ ନିଖୁଣ ଭାବେ ଫୁଟାଇଛନ୍ତି ଗାଳ୍ପିକ । ସେହିପରି ସୁଦୂର ଆମେରିକାରେ ରହୁଥିବା କରବୀ ଭାଉଜ, ଗୋଆ ବିଚ୍‌ରେ ବୁଲୁଥିବା ତରୁଣୀ ଆଦିଙ୍କୁ ଗପର ଚରିତ୍ର ଭିତରେ ସ୍ଥାନ ଦେଇଛନ୍ତି। ଅଲୋଡା ଦସ୍ତାବିଜ୍ ଗପରେ ମଧ୍ୟ ଅଫିସ୍ ଆସିଷ୍ଟାଣ୍ଟ ବିଦେଶୀ ଓରାମ୍‌ଙ୍କ ଭୂମିକାକୁ ସେ ଚମତ୍କାର ଭାବେ ବର୍ଣ୍ଣନା କରିଛନ୍ତି। ସାଧାରଣ ଚରିତ୍ରଗୁଡିକୁ ଗାଳ୍ପିକ ଗପରେ ନିଖୁଣ ଭାବେ ଫୁଟାଇ ଜୀବନ୍ତ କରିଥିବାରୁ ଗପଗୁଡିକ ସୁଖପାଠ୍ୟ ହୋଇପାରିଛି ।



ବ୍ୟାକ୍ ପେଜ୍

# ଘଣ୍ଟାକରେ ୯୧୦ ବେଲୁନ୍ ଫୁଙ୍କି ରେକର୍ଡ

ବେଲୁନ୍ ଫୁଙ୍କିବାକୁ ଅନେକେ ଭଲ ପାଆନ୍ତି। ଏଇ କାମଟି ମଜାଦାର ଲାଗୁଥିଲେ ହେଁ ଏକାଧିକ ବେଲୁନ୍ ଫୁଙ୍କିଲେ ଯେ କେହି ବି ହାଲିଆ ହୋଇଯାଆନ୍ତି। କିନ୍ତୁ ଆମେରିକା, କଲରାଡୋସ୍ଥ ବୁଲ୍ଡରରେ ରହୁଥିବା ହଣ୍ଟର ଇୱିନ ଏତେ ମାତ୍ରାରେ ବେଲୁନ୍ ଫୁଙ୍କି ପାରନ୍ତି ଯେ, ତାଙ୍କ ନାମ ଗିନିଜ୍






ୱାର୍ଲଡ ରେକର୍ଡରେ ସ୍ଥାନ ପାଇଛି। ସେ ୧ ଘଣ୍ଟାରେ ୯୧୦ଟି ବେଲୁନ୍ ଫୁଙ୍କି ଏହି ରେକର୍ଡ କରିଛନ୍ତି। ତେବେ ସେ ବି ପ୍ରଥମେ ଅଧିକ ବେଲୁନ୍ ଫୁଙ୍କିପାରୁ ନ ଥିଲେ। ବହୁ ଅଭ୍ୟାସ ଓ କିଛି ଟ୍ରିକ୍ ଆପଣେଇ ସେ ଏହି କଠିନ କାମ କରିବାରେ ସଫଳ ହୋଇପାରିଲେ। କମ୍ ସମୟରେ କିଭଳି ଅଧିକ ବେଲୁନ୍ ଫୁଙ୍କିହେବ ସେ ନେଇ ତାଙ୍କ ବୈଜ୍ଞାନିକ ସ୍ତ୍ରୀ ଓ ସ୍ଥାନୀୟ ଜଣେ ସର୍ଜନ ଅନେକ ଟିପ୍ସ ଦେଇଥିଲେ। ଏହାକୁ ଅନୁସରଣ କରି ସେ ଉକ୍ତ କାମକୁ ବେଶ୍ ସହଜରେ କରିପାରିଥିଲେ।







# ଝୁମର୍ ଝୁମ୍କା

ନାରୀର ପ୍ରିୟ ଆଭୂଷଣ ମଧ୍ୟରେ କାନର ଝୁମ୍କା ଅନ୍ୟତମ। ତେଣୁ ଝୁମ୍କାର ଭଲ ସଂଗ୍ରହ ଥାଏ ପ୍ରାୟ ସବୁ ମହିଳାଙ୍କ ପାଖରେ। ଭିନ୍ନ ଭିନ୍ନ ଡିଜାଇନର ଝୁମ୍କା ଚେହେରାକୁ ଭିନ୍ନ ଭିନ୍ନ ଲୁକ୍ ଦେଇଥାଏ। ତେବେ ଏକ ଅଜବ ଡିଜାଇନ୍‌ର ଝୁମ୍କା ଏବେ ବେଶ୍ ଚର୍ଚ୍ଚାରେ ଅଛି। କାରଣ ଏହା ଝୁମ୍କା ପରି ବହୁତ କମ୍, ଆଉ ଘରର ସିଲିଂରେ ଝୁଲୁଥିବା ଝୁମର୍ ବା ଚାଣ୍ଡେଲିୟର ପରି ବେଶି ଦେଖାଯାଏ। ସତସତିକା ଝୁମରରେ ଲାଗିଥିବା ଲାଇଟ୍ ତଥା କ୍ୟାଣ୍ଡେଲ ପରି ଏହି ଇୟରରିଂ ଜଳିଥାଏ ମଧ୍ୟ। ତେଣୁ ଏହାକୁ 'ଚାଣ୍ଡେଲିୟର ଝୁମ୍କା' ବି କୁହାଯାଉଛି। ଉକ୍ତ ଇୟରିଂକୁ ନ୍ୟୁୟର୍କର ଡାଏନା କୈଲଡେରିସ୍କୁ ତିଆରି କରିଛନ୍ତି। ସେ ଜଣେ ଟେକ୍ନିକାଲ ଡିଜାଇନର୍ ହେବା ସହ ଫ୍ୟାଶନ ଇଲୁଷ୍ଟ୍ରେଟର। ଡାଏନା ଏହାକୁ ତିଆରି କରିବା ଲାଗି ବ୍ରାସ୍, ଷ୍ଟର୍ଲିଂ ସିଲ୍‌ଭର, ୧୪ କ୍ୟାରେଟ୍ ସୁନା ଓ ଗ୍ଲାସ୍ କ୍ରିଷ୍ଟାଲ ବ୍ୟବହାର କରିଛନ୍ତି। ତା'ସହ ଏଥିରେ ମହମବତିର ଲୁକ୍ ଦେବା ଲାଗି ଏଲ୍‌ଇଡି ଲାଇଟ୍‌ର ବ୍ୟବହାର ବି କରିଛନ୍ତି। ଫଳରେ ଏହି ଝୁମର୍ କାନଫୁଲଟି କ୍ୟାଣ୍ଡେଲ ଜଳିବା ପରି ଦେଖାଯାଏ। ଏହି ଝୁମ୍କାର ପଛଭାଗରେ ଲାଗିଥିବା ବ୍ୟାଟେରି ଉକ୍ତ ଝୁମ୍କାକୁ ଜଳାଇବା ଲାଗି ଶକ୍ତି ପ୍ରଦାନ କରିଥାଏ। ଆଉ କାନରେ ଯେବେ ଏହି ଲାଇଟ୍ ଜଳେ ସତସତିକା ଚାଣ୍ଡେଲିୟର୍ ପରି ଦେଖାଯିବା ସହ ବେଶ୍ ସୁନ୍ଦର ଓ ଆକର୍ଷକ ବି ଲାଗେ। ଏହାର ମୂଲ୍ୟ ୧୨୦୦୦ ଟଙ୍କା ଥିବାବେଳେ ଏଥିରେ ଏକ ବର୍ଷର ୱାରେଣ୍ଟି ବି ଦିଆଯାଉଛି।

# ଲୁଣ କିଲୋ ୩୫୦୦୦ଟଙ୍କା

ରୋଷେଇଘରେ ଲୁଣର ସ୍ଥାନ ସ୍ୱତନ୍ତ୍ର। କାରଣ ଖାଦ୍ୟର ସ୍ୱାଦ ଏହା ଉପରେ ନିର୍ଭର କରେ। ଏହାର ଦାମ୍ ବି ବେଶି ନ ଥାଏ। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଏମିତି ଏକ ଲୁଣ ଅଛି ଯାହାକୁ କିଣିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ। କାରଣ ଏହାର ଦାମ୍ ୧ କି.ଗ୍ରା.କୁ ୩୫୦୦୦ଟଙ୍କାରୁ ଊର୍ଦ୍ଧ୍ୱ। ସେଥିପାଇଁ ଏହାକୁ ପୃଥିବୀର ସବୁଠାରୁ ଦାମୀ ଲୁଣଭାବେ ମଧ୍ୟ ଗଣନା କରାଯାଏ। ଏହାର ନାମ ହେଉଛି 'କୋରିଆନ୍ ବାମ୍ବୁ ସଲ୍ଟ'। ତେବେ ମନରେ ପ୍ରଶ୍ନ ଉଠୁଥିବ ଏହି ଲୁଣର ଦାମ ଏତେ କ'ଣ ପାଇଁ? କାରଣ ଏହାକୁ ତିଆରି କରିବା ବହୁତ କଷ୍ଟ। କୋରିଆରେ ବାମ୍ବୁ ବା ବାଉଁଶ ଲୁଣର ବ୍ୟବହାର କାହିଁ କେଉଁ କାଳୁ ହୋଇ ଆସୁଛି। ହେଲେ ରୋଷ୍ଟେଡ୍ ବାମ୍ବୁ ସଲ୍ଟର ବ୍ୟବହାର ବିଂଶ ଶତାବ୍ଦୀରେ ଆରମ୍ଭ ହୋଇଛି। ଏହି ଲୁଣ ତିଆରି କରିବା ଲାଗି ଲୁଣକୁ ବାଉଁଶ ଭିତରେ ଭର୍ତ୍ତିକରି ମାଟିରେ ବାଉଁଶର ଉଭୟ ପାର୍ଶ୍ୱକୁ ବନ୍ଦ କରିଦିଆଯାଏ। ତା'ପରେ ତାକୁ ଭାଟିରେ ୯ ଥର ରନ୍ଧାଯାଏ। ଏହି ପ୍ରକ୍ରିୟା ଏତେ ଜଟିଳ ଯେ, ଏହାକୁ ତିଆରି କରିବା ଲାଗି ୫୦ ଦିନ ଲାଗିଯାଏ । ତା'ସହ ଏହି ପୂରା ପ୍ରକ୍ରିୟା ହାତରେ ହିଁ କରାଯାଏ। ଏହି ଲୁଣକୁ ସବୁଠାରୁ ଶୁଦ୍ଧ ବୋଲି ମଧ୍ୟ କୁହାଯାଏ। ତେଣୁ ଏହାର ଦାମ ଏତେ ଅଧିକ।

